ଜାନୁଆରୀ -୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଗୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ଜାନୁଆରୀ -୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ " (“ଚିଠି”- ସମ୍ପର୍କର ଡୋରି - ବିଶେଷାଙ୍କ) କୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :



ଚିଠି
ସୁଧିରାଜ ରାଉତ

ଚିଠି
ବୀଣାପାଣି ରାଏଗୁରୁ

ଚିଠି " ସ୍ମୃତି " ର
ସ୍ମୃତି ରଞ୍ଜନ ତ୍ରିପାଠୀ

ତାରା ଗାଁ କୁ ଚିଠି
ସୁନନ୍ଦା (ବି) ମହାପାତ୍ର

ତୁମ ନାମରେ ଲେଖିଛି ଚିଠି
ଶ୍ରୀ ଡ଼ମ୍ବୁରଧର ବାଗ

ଚିଠି ଆମ ସମ୍ପର୍କର
ବାଉରୀବନ୍ଧୁ ଲେଙ୍କା

ମନ ସିନ୍ଦୁକରେ ସାଇତା ଚିଠି
ଅମ୍ବିକା ସ୍ୱାଇଁ

ଚିଠି ଟିକୁ ନିରୋଳାରେ ପଢି ଚିରି ଦେବୁ ..
ସାବିତ୍ରୀ ପୁରୋହିତ

କିଛି ଚିଠି
ପ୍ରଭାସିନୀ ହୋତା

ଚିଠି
ଶ୍ରୀମତୀ ମମତା ପୁହାଣ

ସହିଦ ର ଚିଠି
ପ୍ରଶାନ୍ତ କୁମାର ନାଥ

ସମ୍ପର୍କର ସେତୁ ବନ୍ଧ -ଚିଠି
ଶ୍ରୀମତୀ ବିଦେଶୀ ଭଞ୍ଜ

ଝରୀ ର ଚିଠି
ରାଜଲକ୍ଷ୍ମୀ ତ୍ରିପାଠୀ

ଚିଠି ବୟସ କୁ
ପ୍ରତିଭା ପରିଜା

ମାଆ ଲେଖିଛନ୍ତି
(ଶିଶୁ କବିତା)
ସଚ୍ଚିଦାନନ୍ଦ କର

ଲଳିତାର ଚିଟାଉ
ସୁବାଷ ଚନ୍ଦ୍ର ପଣ୍ଡା

ଧନରେ ମୋ ପାଖକୁ ଚିଠି ଟେ ଲେଖିବୁ !
ବନ୍ଦିତା କର

ଚିଠି : ଏକ ମନ୍ତ୍ରିତ ସ୍ୱର ଅନୁରାଗ ର
ସରୋଜିନୀ ଦାସ

ଠିକଣା ଓ ଚିଠି
ପ୍ରଭାତ କୁମାର ନାୟକ

କବି ରମେଶ ଚନ୍ଦ୍ର ପସାଏତ୍ ଙ୍କ "ଚଠି " କୁ ନେଇ ଦୁଇଟି ଆବେଗ ଭରା କବିତା : ଈଶ୍ୱରଙ୍କୁ ଚଠିଟି / ପ୍ରେୟସୀ କୁ ଚଠି ଟିଏ

ଚିଠି
ମନୋରମା ମିଶ୍ର

ବୋଉ କୁ ଚିଠି
ସୁଷମା ପରିଜା

ଚିଠି ଟିଏ ମୁଁ ଗୋ ଚିଠି ଟିଏ
ପୁଷ୍ପାଞ୍ଜଳି ପଣ୍ଡା

ବିପୁଳ ବିଶ୍ୱାସର -ଏକ ଚିଟାଉ
ଦୀପକ କୁମାର ଦେ

ଚିଠି
କମଳିନୀ ଦେବୀ

ସ୍ମୃତିର ଚିଠି
ଜୟଶ୍ରୀ ପଟ୍ଟନାୟକ

ହିରଣ୍ମୟୀ କୁ ଚିଠି
ରତିକାନ୍ତ ଦୁବେ

ଚିଠି ଶ୍ୟାମ ର
କନକ ଲତା ଦାଶ

ଅପଢା ଚିଠି
ମାନସ ପଣ୍ଡା





“ଚିଠି”- ସମ୍ପର୍କର ଡୋରି

- ବିଶେଷାଙ୍କ -

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



ଚିଠି



ସୁଧିରାଜ ରାଉତ

ତୁ ଯଦି ଘାସ କଟାଳି ହେବୁ
"ଶ୍ରେଷ୍ଠ ଘାସ କଟାଳି ହଅ "
ସବୁ ବାପାଙ୍କ ଚିଠି ଏଇମିତି ।

ଆବ୍ରାହମ୍ ଲିଙ୍କନ ଙ୍କ ଭଳି ମୁଁ 'ବି
ମୋ ପ୍ରେମିକାର ଚିଠି ଲମ୍ବା ହେଉ ଚାହୁଁଥିଲି ।

ପ୍ରେମିକା ଚିଠି ଦେବା ବନ୍ଦ କରି ଦେବା ପରେ
ଆବ୍ରାହମ୍ , ବିବେକାନନ୍ଦ , ଶ୍ରୀଅରବିନ୍ଦ ,
ଗାନ୍ଧୀ, ଟଲଷ୍ଟୟ, ଆଇନଷ୍ଟାଇନ୍ ଙ୍କ ...
ଚିଠି ସବୁ ପଢି ଚାଲିଲି ।
ଛାତି ତଳେ କଲିଜାର ପୋଡ଼ା ଗନ୍ଧ ସତ୍ତ୍ୱେ
ପ୍ରେମିକା ମୁହଁକୁ ଏସିଡ଼ ପିଂଙ୍ଗିନି
କିମ୍ବା ମୁଁ ମଦ୍ୟପ ହୋଇନି
କାରଣ ... ଏ ଚିଠି ସବୁ
ଫୁଲ ଭଳି, ସୂର୍ଯ୍ୟ ଭଳି, ଈଶ୍ୱର ଭଳି
ମୋ ସହ ଥିଲେ ।

ଏବେ କାହାକୁ
ବାପା, ପ୍ରେମିକା, ବିନମାସ୍ତ୍ରେ ...
କେହି ଚିଠି ଦିଅନ୍ତି ନାହିଁ
ସମସ୍ତଙ୍କର ଫୋନ୍ ଅଛି ।

ଦିନେ ଫୋନ୍ ଦେଖାଇ ସମୟକୁ ପଚାରିଲି
ଚିଠି କଣ ମରିଯିବ ?

ଖାତିଗୁଡା,ନବରଙ୍ଗପୁର

ଗୋଟିଏ ଚିଠି
ଗୋଟିଏ ମାଇକେଲ୍ ଫାରାଡ଼େ ଗଢ଼ିଛି
ଗୋଟିଏ ଚିଠି
ଗୋଟିଏ ଦେଶକୁ ସ୍ୱାଧିନ ଦେଇଛି ...
ଚିଠି କଣ ମରିଯିବ ?

ପୁଳାଏ ଚିଠି ଫିଙ୍ଗି ଦେଇ
ସମୟ କହିଲା
ନେ ! ପଢ଼ି ପାରିବୁ 'ତ ପଢ଼ !
ପଢ଼ିଲି - ଟାଙ୍ଗରା ପାହାଡ଼ ଏକ ଚିଠି,
ଶୁଖିଲା ନଈ ଏକ ଚିଠି,
ଇଲେକଟ୍ରି ତାରରେ ମାଳ ମାଳ ବସିଥିବା
ପକ୍ଷୀଙ୍କ ଡେଣା ଏକ ଚିଠି । ...

ଅନେକ ବର୍ଷ ପରେ
ଏବେ ଏବେ ପୋଷ୍ଟ ପିଅନ
ଚିଠିଟିଏ ଦେଇଗଲା
ସବୁଦିନ ଫୋନ୍ ରେ ମୋ ସହ ଗପୁଥିବା ଝିଅ
ବେଙ୍ଗଲୁରୁ ରୁ ମୋତେ ଚିଠି ପଠାଇଛି
"ମୁଁ ଏକ ପୁଅକୁ ଭଲ ପାଉଛି ବାପା .." ।

ମୋ ଝିଅ ଚିଠିକୁ
ଆବ୍ରାହମ୍ , ବିବେକାନନ୍ଦଙ୍କ ...
ଚିଠି ପାଖରେ ରଖିଦେଇ ନିଜକୁ କହିଲି
" ଚିଠି ଏବେବି ବଞ୍ଚିଛି /
ଚିଠି କେବେବି ମରିନି " ।



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା


ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚିଠି



ବୀଣାପାଣି ରାଏଗୁରୁ



ଆଖିରୁ ଲୁହ ଶୁଖୁନି,
କୋହ ଥମୁନି ଛାତିରୁ,
ମନରୁ ଲିଭୁନି ମନକଥା,
ଆଜି ସକାଳ ଯାଇ କାଲି ସକାଳ ହେଉଛି
ରାତି ରାତି ଦିନ ଦିନ ଅନେଇ ବସିଛି ଡାକବାଲାକୁ,
କେତେବେଳେ ଆସି ଚିଠିଟି ଏ
ବଢେଇ ଦବ ତା ହାତକୁ,
ସବୁଥର ପରି କହିବ,
'ବୁଢ଼ୀ ମା ଚିଠି ନିଅ ,ତମ ପୁଅ ପାଖରୁ ଆସିଛି।।

ଏମିତିରେ ଦି ବର୍ଷ ବିତିଗଲାଣି,
ନା ପୁଅର ଦେଖା ଅଛି ନା ଚିଠି ର,
ବୁଢ଼ୀ ଟି ନିତି ଆସି ବସୁଛି ଡାକପିଣ୍ଡାରେ,
ଅନେଇରହିଛି ଟାକ୍ସ ପରି ଡାକବାଲାକୁ,
ଦି ବର୍ଷ ତଳେ ପୁଅ ପାଖରୁ ଆସିଥିବା ଶେଷ ଚିଠି ର
ଶେଷ ଦୁଇ ଧାଡ଼ି ସେ ଘୋଷି ଦେଇଛି,
'ବୋଉ,ଏଇ ମଗୁଶୁର ଶେଷ ମାଣ ବସାକୁ ଘରକୁ ଯିବି'
ଦି ଟା ଶେଷ ମାଣବସା ଶେଷ ହେଲାଣି
ସେ ଆସୁନି କି ଚିଠି ଖଣ୍ଡେ ବି ଦଉନି।।

ତାକୁ ତା ଚିଠିକୁ ଝୁରି ଝୁରି,
ବୁଢ଼ାବାପା ଟା ଆରପାରି କୁ ଚାଲିଗଲା,
ଯିବାକୁ ବର୍ଷେ ବିତିଲାଣି,
ବୁଢ଼ୀ ଭାବୁଛି,ଆକୁଳିଆ ଦୃଷ୍ଟିରେ ଏଣେତେଣେ,
ନଜର ବୁଲାଉଛି, କାଳେ କେତେବେଳେ କିଏ ଆସି ଡ଼ାକି
ଦବ,
'ହେ ବୁଢ଼ୀ ମା ଚିଠି ନେ,ତୋ ପୁଅ ପାଖରୁ ଆସିଛି'
କିନ୍ତୁ କାହିଁ, କିଏ କୁଆଡେ ନାହିଁ।।

ସମୟ କଣ ସବୁ ଦିନ ସମାନ ରହେ,
ଦିନେ ସେ ବି ବଦଳିଗଲା....

ବୁଢ଼ୀ ବିଛଣା ଧରିଲା,
ଆଉ ଉଠିପରିଲାନି ,
ଡାକ ପିଣ୍ଡାକୁ ଝୁରିଲା,
ମନରେ କେତେ କଥା, ଏପଟ ସେପଟ ହେଲା,
ତା ପୁଅର ଚିଠି କାଳେ ଆଉ କିଏ ନେଇଯିବନି ତ!
ତାକୁ ନପାଇ ଡାକବାଲା ଚିଠି କୁଆଡେ,
ଫୋପାଡ଼ି ଦବନି ତ!!

ନା ସେମିତି କିଛି ହେଲାନି,
ଚିଠି ଆସିଲା,
ଡାକବାଲା ଆସି ଘରେ ଦେଇଗଲା,
ଚିଠିଟିକୁ ହାତରେ ଧରି ବୁଢ଼ୀ ଖୁବ ଖୁସି ହେଲା,
ଏତେ ଖୁସି ଯେ,ଯେମିତି ତାକୁ ଚାନ୍ଦ ମିଳିଯାଇଛି!
ଆକାଶରୁ ତୋଳିଆଣି ତାକୁ କିଏ ଦେଇଛି!
ଚିଠି ଭିତରେ ଅଛି କଣ?
ଭଲ କି ମନ୍ଦ,ସେ ଭାବନା ନଥିଲା ବୁଢ଼ୀ ମନରେ,
ଥିଲା ,ଏଇ କି ତା ପୁଅ ଦେଇଛି ଚିଠି,
ବିଭୁନା ,ତା ଦିଅରଙ୍କ ପୁଅ
ସେଇ ପଢି ଶୁଣେଇ ଦବ ସବୁ।।

ଦାଦନ ଖଟି ଯାଇଥିଲା,
ଟଙ୍କା ଆଣିଲେ ବାହା ହବ ବୋଲି
ଟଙ୍କା ବି ଆଣିଲା,ହେଲେ ସେ ନଥିଲା ଆଉ
ସେ ଚିଠି ଭିତରେ,
ଥିଲା କଳା କଳା କେତୋଟି ବେଜାନ ଅକ୍ଷର,
ଯେଉଁ ଅକ୍ଷର ମାନଙ୍କ ଆଖିରେ,
ସେ ନୁଁହ, ତା ସ୍ମୃତି ନାଚୁଥିଲା,
ସେଇ ସ୍ମୃତି ର ଆଭାସରେ ,ଆଭାସ ଆସୁଥିଲା,
ବୋଉ ଲୋ..
ତୋତେ ଦେଇଥିବା କଥା ମୁଁ ରଖି ପାରିଲି ନାହିଁ।

କଟକ, ମୋବ



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)

ଚିଠି "ସ୍ମୃତି" ର

ସ୍ମୃତି ରଞ୍ଜିନ ତ୍ରିପାଠୀ



ତୋ ପଥପ୍ରାନ୍ତର ନାଟକରେ ଜୀବନର ସୁନ୍ଦର ବାର୍ତ୍ତା ବାଣ୍ଟୁଥିଲା ବେଳେ
ମୁଁ ମନେ ମନେ ତାରିଫ କରୁଥିଲି ତୋ ଅଭିନୟ ଚାତୁରୀକୁ ,
ଏମିତି କେତେ ନାଟ ମଣ୍ଡପରେ ଲୁଚି ଲୁଚି ତୋ ନାଟକ ଦେଖିଛି, କେବେ କହିନି ତୋତେ,
କି ସୁନ୍ଦର...ଆହା...ପଥଚାରୀଙ୍କ ହୃଦୟର ରାଣୀ ତୁ,
କରତାଳିରେ ମୁଁ ବି ଖୋଜୁଥିଲି ଜୀବନର ସଂଜ୍ଞା ରଙ୍ଗମଞ୍ଚର ସଂଳାପରେ ....
କେତେ ଚୁପ୍ ରହି ଅନ୍ୟକୁ ହସେଇବାର କଳା ବୋଧେ ମୁଁ ଶିଖିଚି ସେଇ ଦିନଠୁ
ଭଲ ଲାଗେନି କେହି କହିଦେଲେ, " ଅଭିନୟରେ ମିଛ ବି ସତ ଲାଗେ "...
ମୁଁ ତୋତେ ଖାଲି ଜାଣେନି ବରଂ ବୁଝେ , ତୁ ପରା ଭିଜା ମାଟି
ତଥାପି ମୁଁ ବି ଦ୍ୱନ୍ଦରେ ... " ଉନ୍ମାଦର ଚିର ପଣତ ରାଧା'ର ନା ମୀରା'ର "

ଦେଖିଲୁ ତୋ ପ୍ରତିଶୃତି ର ପ୍ରସ୍ଫୁତି ପଥ କେମିତି ଦୁର୍ବଳ ଦିଶିଲାଣି,
ହଁ..ଠିକ ଠଉରଉଛି...
ବୋଧେ ଭାବି ଦେଲୁ ଆଉ ଗଢିବିନି ମୋ ଅକର୍ମଣ୍ୟ ପାଦରେ ତୋ ଘୁଙ୍ଗୁର'ର ଝରଣ,...
ହେ...ମୁଁ ଅଫେରା ବାଟରେ ଯାତ୍ରୀ, ତୁ ଜାଣିଛୁ .....
ଅହରହ ଚେଷ୍ଟିତ ଯୁଝିବାକୁ ତୋ ଅକୁଣ୍ଠିତ ଅନୁଗ୍ରହ ର ପାଉଣା ମୁହୂର୍ତ୍ତ ମୁହୂର୍ତ୍ତ
କହିଲୁ ଥରେ ଏଇ ଚିଠି "ଚିର ପଣତ ରାଧା'ର ନା ମୀରା'ର

ଥରେ ପଛକୁ ଚାହିଁ ଦେଖ ! କେମିତି ଡାକୁଛି ମୋ ଭିଜା ମାଟି
ତୋ ଉପେକ୍ଷିତ ମଧୁଶଯ୍ୟାରେ ଆଜିବି ଚିକିମିକ ତାରା ମାନେ
ଫି ରାତି ମେଳି କରନ୍ତି କମନୀୟ କଅଁଳ ଶୃଙ୍ଗାରରେ
ତୁ ତୋ ନିଜେ ତୃଷ୍ଣା , ନିଜେ ସାଗର , ନିଜେ ପ୍ରଣତି, ତୁ ବି ଚିନ୍ମୟୀ ..
ଅଲୋଡା ଅକ୍ଷର ସବୁକୁ ଲେଖନୀ ମୁନରେ ସଂପି ଦେଲାବେଳେ ମୋତେ ଲାଗେ
ତୁ ଅୟିସୁଲକ୍ଷଣୀ, ମୁଁ ନିଦା ବିଷ୍ଣୁ , ଯାହା ହାତରେ ଲେଖୁଛୁ ଏଇ ଚିଠି..

ସେଇ ଅବଜ୍ଞା ହାତରେ ଛାଡ଼ିଦେଇ ଆସିଲି ଦେବାଳୟରେ ଉନ୍ମୁକ୍ତ ସ୍ୱର୍ଗଦ୍ୱାର,..
ସେଇ ଚିଠି ଆଜି ବି ଖୋଜୁଛି ବୁଢା ଶଙ୍ଖାରି, ଓଗାଳୁଛି କୋହରେ
କାହ୍ନ ରେ, ତୁ ସତରେ କାହାର ?? ତୁ ପୁଷ୍ପ ପ୍ରଣତି'ର ନା ଯୋଉ ପବିତ୍ର କବୀ ର
ଗଢିଦେଇଛି ଅନ୍ଧାରକୁ କରିବାକୁ ଆଲିଙ୍ଗନ ନା ଭିଜାମାଟି'ର ଯିଏ ଏବେ ବି ଅପହଞ୍ଚ
ତଥାପି ମୁଁ ବି ଦ୍ୱନ୍ଦରେ ଉନ୍ମାଦର ଚିର ପଣତ """"ରାଧା'ର ନା ମୀରା'ର""




ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତାରା ଗାଁକୁ ଚିଠି....!!



ସୁନନ୍ଦା (ବି) ମହାପାତ୍ର

ଜାଣିଛୁ ବୋଉ,
ଅନ୍ଧାରକୁ ପ୍ରବଳ ଡର ସତ୍ତ୍ୱେ, କାଲି ରାତି ସାରା ଛାତକୁ ଯାଇ ତତେ ଖୋଜୁଥିଲି
ତାରା ଭର୍ତ୍ତି ଆକାଶରେ...!
ସବୁବେଳେ କହୁଥିଲୁ, କେବେ ବଡ଼ହେବୁ କେଜାଣି...??
ସେହି କଥା କହିଥାନ୍ତି, ତୁ ମୋ'ପରି ସେତେ ବଡ଼ ନହୋଇ ଚାଲିଗଲୁ ତ,ମାତ୍ର ଚାଳିଶି ବର୍ଷରେ !
(ଚାଳିଶି ବର୍ଷ ବୟସଟା ଏମିତି କେତେ ବଡ଼ ଯେ !!!)
ତେଣୁ ବଡ଼ ହେବାରେ କେତେ ଦୁଃଖ, ପଣତକାନିରେ କେତେ ଲୁହ ପୋଛିବାକୁ ହୁଏ,
କେତେ ରୁଦ୍ଧ କୋଠରୀରେ ତକିଆ ଭିଜେଇବାକୁ ହୁଏ ଜାଣି ପାରିଲୁନି !
ହେଇ ପାରେ ତୁ ବି ଜାଣିଥିବୁ (?)
କିନ୍ତୁ କେବେ ଜାଣିବାକୁ ଦେଇନୁ ମୋତେ !
ବୋଉମାନେ ତ ଏ ଦୁନିଆର ସବୁଠୁ ମିଛେଇ !!
ଏ ବଡ଼ ହେବାରେ ବହୁତ କଷ୍ଟ ବୋଉ !
ମୁଁ କ'ଣ କହୁଥିଲି କି, ନେଇ ଯାଆନ୍ତୁନି ତୋ' ପାଖକୁ,
ଲୁଚେଇ ଦିଅନ୍ତୁନି ତୋ'ପଣତର ଆଡୁଆଳରେ !!
ତୋ' କୋଳଠୁ ବଳି ନିର୍ଭୟ, ନିରାପଦ ଆଶ୍ରୟ ସ୍ଥଳି ଟିଏ କାହିଁ କେଉଁଠି ତ ଦିଶୁନି ମୋ' ଆଖିକୁ
ଏତେ ବଡ଼ ଦୁନିଆରେ !!
ଜୀବନର ପ୍ରତି ମୋଡ଼ରେ ଅଜଣା ଆଶଙ୍କା,
ଭୟ ରେ ମୁଁ ଆକ୍ରାମାକ୍ରା ଏଠି !!
ଲାଗୁଛି ମୁଁ ଏ ଭିତରେ ଛୁଆ ହେଇ ଯାଇଛି,
ଡ଼ରକୁଳୀ ବି, ଯେମିତି ଥିଲି ତୁ ଥିଲା ବେଳେ ...!!!
।। ଇତି ।।
ତୋ'ର
'ରାଣୀ'

* * *

ବାଙ୍ଗାଲୋର ।



ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର (ଚେନ୍ନାଇ)
ହରଣ୍ଡୁଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତୁମ ନାଆଁରେ ଲେଖିଛି ଚିଠି

ଶ୍ରୀ ଉତ୍କୁରୁଧର ବାଗ



ଦେଇଥିଲ ମତେ ଚିଠିଟିଏ ତୁମେ
ଲେଖିଥିଲ କେତେ କଥା ।
ଆରମ୍ଭ ଯେମିତି କରିଥିଲ ତୁମେ
ପଢି ଘୁରି ଗଲା ମଥା ।
ପାଇ ନ ଥିଲି ମୁଁ କେବେ ବି କାହାଠୁ
ଚିଠିଟିଏ ଏଇଭଳି ।
ଯେଉଁଠାରେ ତୁମେ ଲେଖିଦେଇଥିଲ
ମତେ ଭଲ ପାଏ ବୋଲି ।
ମନେ ମନେ ମୁଁ ଖୁସି ହେଲି ସିନା
ହେଲି ମୁଁ ଆଶ୍ଚର୍ଯ୍ୟ କେତେ ।
ତୁମ ଭଳି ଝିଅ ପ୍ରେମରେ ପଡିବା
ଆଶ୍ଚର୍ଯ୍ୟ ନୁହେଁ କି ସତେ ।
ମୋତେ ନ ଦେଖିଲେ କାନ୍ଦୁଥିଲ କେତେ
ବସୁଥିଲ ମୁହଁ ମାରି ।
ଯାଉଥିଲ ସୁଖି ଦଣ୍ଡେ ନ ଦେଖିଲେ
ସତ କୁହ ତୁମେ ପରି ?
ଚିଠି ଟିଏ ଦେଇ ପଚାରୁ ଥଲ ଯେ
ସବୁ ଦିନ ମୋ ଖବର ।
କିନ୍ତୁ କେବେ ବି ମୁଁ ଦେଇ ପାରିଲିନି
ତୁମ ଚିଠିର ଉତ୍ତର ।
କେତେ ଥର ମୋତେ ପଚାରିଛ ତୁମେ
ସେହି କଥା ବାରମ୍ବାର ।
ଏ ଯାଏଁ କାହିଁକି ଦେଇ ପାରିନାହିଁ
ତମ ପ୍ରଶ୍ନର ଉତ୍ତର ।

ଦେଖି ଦେଲେ ଟିକେ ଦେଇଥାଏ ହସି
କହି ନାହିଁ କେବେ କିଛି ।
ଭାବୁଅଛି ଆଜି ଦେବି ମୁଁ ଉତ୍ତର
ପଚାରିବ ଯାହା କିଛି ।
ତୁମେ ଦେଇ ଥିବା ସେହି ଚିଠିଟିକୁ
ସାଇତିଛି ଆଜି ଯାଏ ।
ବାରମ୍ବାର ପଢି ନିଜେ ମୁଁ କହୁଛି
ମୁଁ ତୁମକୁ ଭଲ ପାଏ ।
ଦିନ ସରିଗଲା ବରଷ ସରିଲା
ଦେଲିନି ଉତ୍ତର କେବେ ।
ଭାବୁଅଛି ଆଜି ଦେବି ମୁଁ ପତର
ଡାକ ଘରେ ଯାଇ ଏବେ ।
ମୋ ମନ କଥାକୁ ଲେଖୁ ଲେଖୁ ଆଜି
ଚିଠିରେ ମୁଁ ଦେଲି ଲେଖି ।
ଚିଠି ପଢି ମୋର ନିଶ୍ଚେ ହେବ ଖୁସି
ଓଦା କରିବନି ଆଖି ।

ଚପ୍ରିଆ, ଗୋଲାମୁଣ୍ଡା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



ଚିଠି ଆମ ସମ୍ପର୍କର

ବାଉରିବନ୍ଧୁ ଲେଙ୍କା

କିଛି କଥା ହୋଇଥିଲା
ଆଖିରେ ଆଖିରେ,
କିଛି କଥା —
'ହଁ ' ଆଉ 'ନା' 'ନା' ଭିତରେ,
ଆଉ ବାକି ଯାହା ଘଟିଥିଲା,
ସବୁ କିଛି ଲିପିବଦ୍ଧ ଥିଲା,
ଅସୁମାରି ଚିଠିରେ ଚିଠି ରେ ॥

କଳିର ସେ ପହିଲି ପରଶ,
ପାଇଥିଲି ତୁମ ହାତ ଲେଖା
ଚିଠିର ପ୍ରଥମ ଛୁଆଁରେ,
ତନୁ ମନେ —
ରୋମାଞ୍ଚର ତାଜା ଅନୁଭବ—
ଆଙ୍କିଥିଲି ଉତ୍ତରରେ —
ଫେରନ୍ତା ଚିଠି ରେ॥

ବହୁ ବର୍ଷ ପରେ ଆଜି
ସ୍ମୃତି ପଟେ ସବୁ ହୁଏ ଉଜ୍ଜୀବିତ,
ପୁରୁଣା ଚିଠିର ରେଖାଙ୍କିତ
ପଂକ୍ତିଚୟ ପଢୁ ପଢୁ
ତନୁ ମନ ହୁଏ ରୋମାଞ୍ଚିତ ॥

ଶବ୍ଦ ସବୁ ପ୍ରୀତିବୋଳା
ଗୋଲାପ ପାଖୁଡା,
ଲାଗୁଥିଲେ ଜୀବନ୍ତ ଜୀବନ୍ତ,
ନିଶବ୍ଦରେ ଗାଉଥିଲେ —
ଆମ ପ୍ରେମ ଗାଥା,
ଅତୀତର ଅଭୁଲା ମୁହୂର୍ତ୍ତ ॥

କେତେ ଯେ ଉତ୍କଣ୍ଠା ଥିଲା
ତୁମ ଚିଠି ଅପେକ୍ଷାରେ,
କଳ୍ପନାର ବିଚିମାଳା ମଥା ପିନ୍ଧୁଥିଲେ
ସ୍ୱପ୍ନ ସାଗରର ବେଳାଭୂମି ପରେ ॥

ଆମ ପ୍ରୀତି ସମ୍ପର୍କର ସେତୁ
ଗଢି ଉଠିଥିଲା
ଦିନେ ଏଇ ଚିଠିରେ ଚିଠି ରେ,
ଆମ ଚିର ବନ୍ଧନର ରଜ୍ଜୁ
ସାଜିଥିଲେ ଏଇ ଚିଠି ମାନେ
ଅତିକ୍ରାନ୍ତ ସମୟ ପିଠିରେ ॥

ଭୁବନେଶ୍ୱର // ୮୨୪୯୧୨୮୮୨୫

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଦ୍ଧୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



ମନ ସିନ୍ଦୁକରେ ସାଇତା ଚିଠି

ଅମ୍ବିକା ସ୍ୱାଇଁ

ସାଇତା ଚିଠି ମୋ ହଜି ତ ଗଲାଣି
ଦେଖିବାକୁ ମିଳୁ ନାହିଁ
ମନର ଭାଷା ଓ ହୃଦୟ ର କଥା
ଲିପିବଦ୍ଧ ଥିଲା ଯହିଁ ।।

କେତେ ଦୁଃଖ ସୁଖ ଅଭିମାନ ଧରି
ଆସୁଥିଲା ଚିଠି ଘର
ଇଲେକଟ୍ରୋନିକ୍ ଆଧୁନିକ ଯୁଗେ
ଚିଠି ହେଲା ସାତ ପର ।।

କେତେ ଚିଠି ପୁଣି ରଖିଛି ସାଇତି
ପୁରୁଣା ଦିନର ସ୍ମୃତି
ପଢିଲେ ହୁଏ ମୁଁ ଭାବ ବିହ୍ୱଳିତ
ମନେ ଜାଗେ କେତେ ପ୍ରୀତି ।।

ନୂଆବୋହୂ ସାଜି ଯାଇଥିଲି ଯେବେ
ବାପ ଘରୁ ବିଦା ହୋଇ
ବିଦେଶ ରେ ଥିବା ସ୍ୱାମୀ ଙ୍କ ପାଖକୁ
ଚିଠି ଲେଖୁଥିଲି ମୁହିଁ ।।

ମାନ ଅଭିମାନ ପ୍ରେମ ପ୍ରୀତି କଥା
ଲେଖୁଥିଲି ମନ ଭରି
ଚଠି ର ଉତ୍ତର ପାଇବା ପାଇଁ କି
ଚାହେଁ ମୁଁ ଚାତକ ପରି ।।

ଚିଠି ଆସିବ କି ଚାଉଳ ଦେଇ କି
କାଉକୁ ପଚାରୁ ଥିଲି
ଡାକ ବାଲା ଯେବେ ଚିଠି ଆଣୁ ଥିଲା
ଦେଖି ଖୁସି ହେଉ ଥିଲି ।।

ଚିଠି ପଢି ବାକୁ ମନ ଛନ ଛନ
ସୁବିଧା ସାଉଁଟୁ ଥିଲି
ତକିଆ ତଳେ ଲୁଚେଇ କି ଚିଠି
ରାତ୍ର ଅର୍ଦ୍ଧେ ପଢୁଥିଲି ।।

ସେହି ଚିଠି ସବୁ ସାଇତି ରଖିଛି
ମନର ସିନ୍ଦୁକ ତଳେ
ମନହୁଏ ଯେବେ ପେଡ଼ି ଖୋଲି ବସେ
ସ୍ମୃତି ର ପୁଲକ ମିଳେ ।।

ଭୁବନେଶ୍ୱର,୯୭୭୭୫୯୯୬୯୫



"ଚିଠି"- ସମ୍ପର୍କର ଡୋରି
- ବିଶେଷାଙ୍କ -

ସ୍ୱଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚିଠିଟିକୁ ନିରୋଳାରେ ପଢ଼ି ଚିରି ଦେବୁ



ସାବିତ୍ରୀ ପୁରୋହିତ

ପ୍ରିୟତମ !
ହୃଦୟ ଭିତର
ନିଭୃତ କୋଣରୁ
ଶୁଭେଚ୍ଛା ଟିକିଏ ନେବୁ
ପଦ୍ମ ପାଖୁଡ଼ା ରେ
ଚିଠି ଟେ ଲେଖୁଛି
ଆଖିର କଜ୍ଜଳ
କାଳି ମୁଁ କରିଛି
ଚିଠିଟିକୁ ପ୍ରିୟ
ନିରୋଳାରେ ପଢ଼ି ଚିରି ଦେବୁ ।।


ରାଧା ରାଣୀ ତୋର
ଭାରି ଅଭିମାନୀ
ଚିଠି କଥା ଯଦି
ପାରିବ ସେ ଜାଣି
ନୟନ ର ନୀର ବହିବ ଉଜାଣି
ଫେଡ଼ି ବାକୁ ଯାଇ ରାଧିକା ର ମାନ
କେତେ ସତେ ଘାଣ୍ଟି ହେବୁ
ତେଣୁ କହିଲି ତ...
ଚିଠିଟିକୁ ପ୍ରିୟ
ନିରୋଳାରେ ପଢ଼ି ଚିରି ଦେବୁ ।।

ଏକଥା ଜାଣିଲେ
ଅଷ୍ଟ ପାଟ ବଂଶୀ
ମିଛଟା ରେ ଆହା
ଯିବେ ତତେ ରୁଷି
ହେବୁ ଆନମନା
ରେ କାଳିଆ ସୁନା
ହଜାରେ ବାହାନା କରୁଥିବୁ
ତେଣୁ କହିଲି ତ...
ଚିଠି ଟିକୁ ପ୍ରିୟ
ନିରୋଳାରେ ପଢ଼ି ଚିରି ଦେବୁ ।।

ନୁହେଁ ରେ ରାଧିକା
ନୁହଇ ମୁଁ ମୀରା
ନୁହେଁ ଅଷ୍ଟ ପାଟ ବଂଶୀ
ତୋ' ପ୍ରଣୟ ଜଳରେ ଛଳ ଛଳ ଖାଲି
ମୁଁ ଏକ ନୀଳ ସରସୀ
ପାପର ପଙ୍କରେ ଭରା ତନୁ ମନ
ମୁଁ ବା ହେବି କାହୁଁ ତୋ' ମଥା ଚନ୍ଦନ
ତଥାପି ରହିଛି ବସି
ଆଖିର ଲୁହରେ ପାଦ ଧୋଇ ଦେବି
ହୃଦୟେ ତୋହର ନାଆଁ ମୁଁ ଲେଖିବି
କୋଳେଇ ନେବୁ ତୁ ହସି ।।

ଗଲା ବେଳେ ଖାଲି ଏତିକି କରିବୁ
ତୋ' ଛଡ଼ା ତୁଳସୀ ଅଙ୍ଗେ ମୋର ଦେବୁ
ପାପ ପୁଣ୍ୟ ମୋର ନ କରି ବିଚାର
ମତେ ହୃଦୟେ ସାଉଁଟି ନେବୁ ।।

ପ୍ରିୟତମ !
ଏତିକି ଲେଖି ମୁଁ
"ଇତି" କରୁଅଛି
ମନେ ଯାହା କଥା ଥିଲା କହି ଅଛି
ତତେ ବେଳ ହେଲେ ଭାବୁଥିବୁ
ଚିଠି ଟିକୁ ପ୍ରିୟ
ନିରୋଳାରେ ପଢ଼ି ଚିରି ଦେବୁ
।





"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କିଛି ଚିଠି...



ପ୍ରବାସିନୀ ହୋତା

କିଛି ଚିଠି...
ବାରବାର ଲେଖା ତ ହୁଅନ୍ତି
ଖୁବ୍ ଗୋଟେ ପ୍ରବଣତାରେ ଭିଜି
ଅଥଚ ଠିକଣାକୁ ପହଞ୍ଚିବା
ତାଙ୍କର ଭାଗ୍ୟରେ ନ ଥାଏ...

ଫର୍ଦ୍ଦ ପରେ ଫର୍ଦ୍ଦ କାଗଜ ଆସେ
ଅସମ୍ଭାଳ ଯତ୍ନରେ
କିଛି ଶବ୍ଦ ସଜେଇ ହୁଅନ୍ତି
ତଥାପି ମୋଡି ମାଡି ଫିଙ୍ଗା ଯିବା ହିଁ
ତାଙ୍କ କପାଳରେ ଲେଖାଥାଏ...

ଆଉ କିଛି ଚିଠି
ଖୁବ୍ ରଙ୍ଗ ଓ ଅତର ମାଖି ଆସନ୍ତି
ପ୍ରଥମ ଦେଖାରେ
ଚରମ ଉତ୍କଣ୍ଠା ଆଉ
 ଆବେଗରେ ଖୋଲା ହୁଅନ୍ତି
ଏକାନ୍ତରେ.... ରାତିର ନିର୍ଜନତାରେ
ପଢା ହୁଅନ୍ତି ଆଉ
ସାଇତା ହୁଅନ୍ତି ତମାମ୍ ଜୀବନ...
ଗୋପନରେ...ସିନ୍ଦୂକ ଭିତରେ...

କିଛି ଚିଠି...
ଇତିହାସକୁ ବି ବାଧ୍ୟ କରିଦିଅନ୍ତି ଅପ୍ରତ୍ୟାଶିତ
 ଏକ ମୋଡ଼ ନେବାକୁ...
ତେଣିକି ଆଖୁକିଆରୀ,ପାନ,ଗୁଆର ହିସାବରେ ବି
ବିଦ୍ରୋହ ଟେ ଜିଣି ହୋଇଯାଏ....

ଭଟଲି ରୋଡ଼, ବରଗଡ଼

ଆଉ କିଛି ଚିଠି
ବନିଯାଆନ୍ତି ପ୍ରତିଶବ୍ଦ
ଏକ ସଂକଳ୍ପର...ଦୃଢ଼ ଏକ ନିଶ୍ଚୟର
ଯେଉଁଠି ନା ଗଛ ନା ପକ୍ଷୀ
 ଦିଶୁଥାଏ ତ କେବଳ ପକ୍ଷୀର ଆଖି...

ଇସ୍...ଆଉ କିଛି ଚିଠି ??
ସୁରମା ଟଣା ହରିଣୀ ଆଖିକୁ ବି
ପଥର କରିଦିଅନ୍ତି...
ଯେଉଁଠୁ ଅହରହ ଝରଟେ ଫିଟି ପଡୁଥାଏ...
..ଧିକ୍ ସେମାନଙ୍କୁ !!!

ପୁଣି କିଛି ଚିଠି...
ଲାଲ ଫିତାର ତଳେ ବନ୍ଧାହୋଇ
ଧକେଇ ହେଉଥାନ୍ତି... ଅଣନିଶ୍ୱାସୀ ପଣରେ
କେତେ ଆଶା ଆକାଂକ୍ଷାକୁ ନାଉ କରି
ଉଇଙ୍କର କୃପା ଦୃଷ୍ଟି ପାଇବା ଯାଏ...

କିଛି ଚିଠି ତ ଯେମିତି
ଜନ୍ମ ହିଁ ହୁଅନ୍ତି... ବିଦୀର୍ଣ୍ଣ ହେବା ପାଇଁ
ଟିକ ଟିକ ହୋଇ ଫୋପଡା ହେବାକୁ ହିଁ
ପଠାଯାଆନ୍ତି ସେମାନେ...

ଆଉ କିଛି ଚିଠି ପାଇଁ
ଲୋଡା ହୁଏନି... କାଗଜ କି କାଳି
ପ୍ରାପକର ନାମ କି ଠିକଣା
ଲୁହରେ... କୋହରେ... ଉଚ୍ଛ୍ୱାସରେ... ଦୀର୍ଘ
ଶ୍ୱାସରେ ହିଁ ଲେଖା ହୁଅନ୍ତି ସେମାନେ....
ସେମାନଙ୍କୁ ଚିଠିରେ
ଗଣାହୁଏ କି ନା...କେଜାଣି !!

"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚିଠି...

ଶ୍ରୀମତୀ ମମତା ପୁହାଣ



ଅନୁପମ,

ଅପ୍ରାପ୍ତିର ବନ୍ୟାରେ
ନିଜକୁ ଭସେଇ
ଦେଲାବେଳେ,
ତୁମ ଅନୁରାଗର
ମିଠା ବାସ୍ନାରେ
ନିଜକୁ ଭିଜେଇ
ଦେଲାବେଳେ,
ଆଜି ମନେ ହୁଏ...
ପ୍ରତୀକ୍ଷିତ ମୁହୂର୍ତ୍ତଟା
ଚୁଲ୍ ବୁଲି ପ୍ରଗଲ୍ଭା
ଝିଅ ଟିଏ ଭଳି
ଫିକ୍ କିନା ହସିଦେଇ
ଡେଇଁ ଡେଇଁ ଆଉ ପାଦେ
ଘୁଞ୍ଚି ଗଲା ପରି!!

ଜାଣେନା....
କେଜାଣି କାହିଁକି ଆଜି,
ଭିଜା ସକାଳର
ଶୀତୁଆ ପବନଟେ ହେଇ
ସଂଚରି ଯାଉଛ ତୁମେ
ମୋ ଦେହ ପରିଧି ରେ,
ଛୁଇଁ ଯାଉଅଛ
ମୋ ମନ ତଳ
ନିବୁଜ କୋଣକୁ।।

ସ୍ନିଗ୍ଧ ଅପରାହ୍ନଟା
ପୁଣି ତୁମ ସ୍ମୃତି ହେଇ
ଅସ୍ତ ବ୍ୟସ୍ତ କରୁଛି
କେମିତି...
କଦମ୍ବର ମହକରେ
ମହକିତ ବିଳମ୍ବିତ ପ୍ରହରର
ଏଇ ଦୂରନ୍ତ ଜହ୍ନଟା
ତୁମ ଛବି ନେଇ
ଆବୋରି ବସୁଛି
ମୋ ବିରହି ଆତ୍ମାକୁ...
ସଂଯମିତ ମୋର
ସମଗ୍ର ସତ୍ତା କୁ।।

ଅଥଚ
ମୁଁ ଜାଣେ...
ତୁମେ ତ ଆସିବ
ଆଉ ଅଳ୍ପ ଦିନ ପରେ...
ପ୍ରୀତିର ଫୁଲଟେ ହୋଇ
ସ୍ନେହର ପାଖୁଡା
ବିଞ୍ଚି ଦଉ ଦଉ
ଭରି ଦେବ
ଅମୃତରେ ମୋତେ,
ମୋ ତନୁ ମନ, ଆଉ
ପ୍ରତିଶ୍ରୁତି ସ୍ନାୟୁର ସହର।।

ସମର୍ପଣର ସଜ୍ଜ
ମୁଦ୍ରାରେ
ନିଜକୁ ତୋଳି ନେଉ ନେଉ
କେମିତି ଗୋଟେ
ମୁଗ୍ଧ ଅନୁଭବ ରେ
ମୁଁ ଛିଟକି ଯିବି,
ଏଇ ଶୂନ୍ୟ ବଳୟରୁ
ମୋ ଅନୁପମ ଇଚ୍ଛାର
ପ୍ରିୟତମ ପ୍ରୀତି ମହଲକୁ...
ଯେଉଁଟା ସତରେ
କେତେ ନିରାପଦ!!
କେତେ ଆପଣାର!!

ଇତି।
- ମୁଁ-

ଢେଙ୍କାନାଳ, ଓଡିଶା

"ଚିଠି"- ସମ୍ପର୍କର ଡୋରି


- ବିଶେଷାଙ୍କ -



ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ସହିଦର ଚିଠି

ପ୍ରଶାନ୍ତ କୁମାର ନାଥ

ସୁନ୍ଦରପୁର,ଉତ୍ତରକୂଳ ହାଟ୍,ପ୍ରୀତିପୁର,ଯାଜପୁର ।

ମୋ-୦୮୮୯୨୩୦୧୧୪୩





ଯୁଦ୍ଧ ଲାଗିଥିଲା ଭାରତ ସୀମାରେ
ଦେଉଥିଲେ ପ୍ରାଣ ବଳୀ
ଗୁଳି ବାଜିଗଲା ଯବାନ ଛାତିରେ
ପଡିଲା ସେଇଠି ଚଳି ।

ଜାଣିଗଲା ଯେବେ ସହିଦ ହୋଇବ
ଦେଶପ୍ରେମ ଦୀପ ଜାଳି
ଚିଠି ସେ ଲେଖିଲା ଘରକୁ ତାହାର
ରକତ କୁ କରି କାଳି

ବାପାକୁ ଲେଖିଲା ଖୁସି ହେବ ଜାଣି
ସହିଦ ହୋଇଛି ପୁଅ
ମୋ କଥାକୁ ଭାବି କାନ୍ଦିବନି କେବେ
ଝରାଇ ଆଖିରୁ ଲୁହ ।

ମଥା ଟେକି ବାଟ ଚାଲିଥିବା ତୁମେ
ଫୁଲାଇ ନିଜର ଛାତି
ମନ ଦମ୍ଭ କରି ଗର୍ବରେ କହିବ
ପୁଅର ଯେ ଦେଶପ୍ରୀତି ।

ମାଆ ଚାହିଁଥିଲା ପୁଅର ବାଟକୁ
ଲେଖିଲା ମାଆକୁ ତାର
ଭାଳି ହେବୁ ନାହିଁ ଅଧମ ପୁଅକୁ
ଯାଉ ଅଛି ବହୁ ଦୂର ।

ଲୁହ ଢାଳିବୁନି ମୋ କଥାକୁ ଭାବି
ଦେଉଛି ତୋତେ ଲୋ ରାଣ
ଜାଣି ଖୁସି ହେବୁ ଭାରତ ମାତାକୁ
ଦେଇଛି ଆଜି ମୁଁ ପ୍ରାଣ ।

ପତ୍ନୀ ଚାହିଁଥିଲା ଫେରିବା ବାଟକୁ
ଲେଖିଲା ପତ୍ନୀକୁ ଚିଠି
ଭାଳି ହେବ ନାହିଁ କଥାକୁ ମୋହର
ଆସିଯିବ ଯେବେ ରାତି ।

ସନ୍ତକ ମୋହର ଛାଡି ମୁଁ ଆସିଛି
ମୁନା(ପୁଅ) ରୂପେ ତୁମ କୋଳେ
ମୋ ପରି ତାକୁ ବି ସୈନିକ କରିବ
ଲାଗି ତୁମେ କଳେ ବଳେ ।

ଘରେ ଥିଲା ତାର ସାନ ଭଉଣୀଟେ
ଥିଲା ଭାରି ଅଲିଆଳି
ତା ପାଇଁ ଲେଖିଲା ମମତାର ଚିଠି
ଆଖିର ଲୁହକୁ ଢାଳି ।

କାନ୍ଦିବୁନି କେବେ ରାକ୍ଷୀ ପୁନେଇଁ ରେ
ରାକ୍ଷୀ ଟେ ବାନ୍ଧିବା ପାଇଁ
ଭାବିନେବୁ ମନେ ଭାଇ ତୋ ଯାଇଛି
ମାଆ ର ସୁରକ୍ଷା ପାଇଁ ।

ଶେଷରେ ଲେଖିଲା ମୁନା ପାଇଁ କିଛି
ଛାତିକୁ ପଥର କରି
କ୍ଷମା କରିଦେବୁ,ଯାଉଛି ଆଜି ମୁଁ
ବାପ ଛେଉଣ୍ଡଟେ କରି ।

ଜୀବନରେ କେବେ ହାରି ଯିବୁ ନାହିଁ
ଥିବି ତୋର ସାଥେ ସାଥେ
ବାପା ତୋ ସହିଦ ହୋଇଅଛି ବୋଲି
ଜାଣିବେ ସାରା ଜଗତେ ।

ଚିଠି ଲେଖୁ ଲେଖୁ ଜୟ ହିନ୍ଦ କହି
ଗଲା ସେ ସହିଦ ହୋଇ
ଚିଠି ସାଥେ ପୁଣି ଶବ ପହଁଚିଲା
ଗାଆଁରେ ତାହାର ଯାଇ ।

ସଭିଙ୍କ ସାମ୍ନାରେ ସହିଦର ଚିଠି
ପଢା ଯେବେ ସରିଗଲା
ସଭିଙ୍କ ଆଖିର ଲୁହର ସାଗରେ
ଶବ ପୁରା ଭିଜିଥିଲା ।

*****





ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



" ସମ୍ପର୍କର ସେତୁ ବନ୍ଧ – ଚିଠି "

ଶ୍ରୀମତୀ ବିଦେଶୀ ଭଞ୍ଜ

ଲୁହର କାଳିରେ ଚିଠି ଲେଖେ ତୁମ ପାଇଁ
ଆଖିର ଶ୍ରାବଣ ସେ ଦିନର କଥା କହେ
ଶୀତରେ ବତୁରି ତଥାପି ସ୍ୱେଦରେ ଭିଜେ
ଅପାଶୋରା ବ୍ୟଥା ଶବ୍ଦରେ କଷଣ ସହେ ।

ପ୍ରୀତି ପୁଲକର ଅଭୁଲା ନିଶବ୍ଦ ତାତି
ଫୁଲବନ ମୋର ଜାଳିଦିଏ କ୍ରୁର ହାତେ
ଭ୍ରମର ଅକ୍ଷତ ମଧୁ ଟୋପେ ଖୋଜୁ ଖୋଜୁ
ପ୍ରତୀକ୍ଷାରେ ବେଳ ସରି ଯାଏ ଅଜାଣତେ ।

ମିତ ମୋର ଏ ଇ ଗୋପନ କଥାକୁ ନେଇ
ବ୍ୟାକୁଳ ଅନ୍ତରେ ଅସଜଡା ଭଂଗା ମନ
ବୃନ୍ତଚ୍ୟୁତ ଏକ ନିରବ ଶେଫାଳି ମୁହିଁ
ଉଦାସୀ ଲଗ୍ନ ମୁଁ ସୁଖ ସଂଭାବନା ହୀନ ।

ଚିଠିରେ ଚିଠିରେ ସମର୍ପେ ଆବେଗ କୋହ
ସ୍ମୃତି ଉହାଡୁ ଝରିପଡେ ହୋଇ ଲୁହ ।।।

ଭୁବନେଶ୍ୱର



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଝରି ର ଚିଠି

ରାଜଲକ୍ଷ୍ମୀ ତ୍ରିପାଠୀ

ହୃଦୟ ରୁ କଥା ସାଉଁଟି ଆଣି ମୁଁ
କାଗଜ ଉପରେ ଲେଖେ
ସୁଖ ଦୁଃଖ ଯେତେ ମନର ଆବେଗ
ନିରେଖି ନିରେଖି ଦେଖେ ।

ମହୁଲ ଫୁଲ ର ମହୁଲି ନିଶାରେ
ହସୁଅଛି ବନଭୂଇଁ
ଶୀତଳ ପବନ ନଈ ଜଳ ଧାରେ
ଦିଶିଯାଏ ତୁମ ଛାଇ ।

ରହିଛ ବିଦେଶେ ଛାଡି କ୍ଷେତ ବାଡ଼ି
ଗାଁ, ଘର, ପରିବାର
ପଲ୍ଲୀବଧୂ ଝରି ସମ୍ଭାଳିଛି ସବୁ
ନହୋଇ ଟିକେ କାତର ।

ଝୁରୁଥିବ ତୁମେ ପାହାଡ, ଝରଣା
ନଦୀ, ବଣ, ଆମ୍ବତୋଟା
ଝୁରନ୍ତି ତୁମକୁ ପଦ୍ମ ପୋଖରୀ ର
ପଦ୍ମକଢି ଦରଫୁଟା ।

ଜନମ ମାଟିର ମହକ ନିଆରା
ପରବ ଯାନି ଯାତରା
ମେଳା, ମଉଛବ ସେନେହ ,ମମତା
ରଖେ ଆମ ପରମ୍ପରା ।



ଫେରିଆସ ତୁମେ ଗାଁ କୁ ତୁମର
ଭିଟାମାଟି ଏଠି ଝୁରେ
ପରିଶ୍ରମ ବଳେ ସୁନା ର ଫସଲ
ଦେଖିବ ନିତି କ୍ଷେତ ରେ ।

ଚିଠି ଟିଏ ଖାଲି ଭାବିବନି ଏହା
ଝରି ର ମରମ କଥା
ଅନେକ ଭାବି କି ଲେଖିଛି ଏ ଚିଠି
ବୁଝିବ ସେ ଗଭୀରତା ।

ଭୁବନେଶ୍ୱର



ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



ଚିଠି ବୟସ କୁ ...

ପ୍ରତିଭା ପରିଜା



ଅନେକ ଦିନୁ ଭାବୁଛି
ଲେଖିବି ଚିଠି ତୋତେ,
ସମୟ ନାହିଁ କି ଠିକଣା ନାହିଁ
କେମିତି ଲେଖିବି , କହ ।।

ଥମି ଯା ବୟସ ତୋତେ
କେବେଠୁ କହିଛି,
ବ୍ୟସ୍ତ ଅଛି ଏବେ
ଜୀବନ କୁ ଭୋଗିବାରେ
ଯନ୍ତ୍ରଣା କୁ ସାଇତି ରଖିବାରେ
ସିନ୍ଦୁକ ଭିତରେ ।।

ଦେଖିବୁ , କେମିତି ରଖିଛି
ଅଙ୍କୁରିତ ପଦ୍ମ ବନ,
ବିଚ୍ଛୁରିତ ସୂର୍ଯ୍ୟାଲୋକ,
ପଲ୍ଲବୀତ ବୃକ୍ଷରାଜି,
ପ୍ରସ୍ଫୁଟିତ ଫୁଲର ପାଖୁଡା ସବୁ ।।

ଅଧା ଲେଖା ଅଛି କେତେ
ଗଳ୍ପ ଉପନ୍ୟାସ ସାରା ଜୀବନର
ଅଭୁଲା କାହାଣୀ
ଅଧା ଅଧା ଅଛି
କିଛି ସ୍ୱପ୍ନର ବିଳାସ
ଧୀରେ ଧୀରେ ଚାଲ ରେ ବୟସ ।।

ସାଇତା ଘର କରଣା
ସିନ୍ଦୁକ ଭରି ପାଟ ପତନି
ଆଖିରେ ଭରା ସପନ
ଏ ସବୁ କୁ ଭୋଗି ଯିବା ପାଇଁ
ତୁ ଅପେକ୍ଷା କର ବୟସ ।।

ମୋ ହାତ ଧରି ଚାଲୁ ଥା ତୁ,
ଅଜାଗା ରେ ପଡି ନ ଯା
ତୁ ମୋର ଆଶା ବାଡ଼ି, ମୁଁ ତୋର ସମ୍ପତ୍ତି
ଧୀରେ ଖୁବ ଧୀରେ ଚାଲୁ ଥା ତୁ
ମୁଁ ଟିକେ ସଲାଖି ହୁଏ ।।

ଏ ଚିଠି ତୁ ପାଇବା ପରେ
ଉତ୍ତର ନ ଦେଲେ ନାହିଁ,
ଧୀରେ ଧୀରେ ଚାଲୁଥିବୁ ତୁ
ଏଡ଼େ ବେଗି ଧାଇଁବୁ ନାହିଁ
ମୋ ହାତ କେବେ ଛାଡ଼ିବୁ ବି ନାହିଁ ।।।

କଟକ



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଡୁଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମାଆ ଲେଖିଛନ୍ତି

(ଶିଶୁ କବିତା)

ଡକ୍ଟର ସଚ୍ଚିଦାନନ୍ଦ କର



ମାଆ ଲେଖିଛନ୍ତି
ଅଳସୁଆ ଯମା ହେବୁନି
ପାଠ ପଢା ଛାଡି
ଆଉ କାହିଁ ମନ ଦେବୁନି ।।

ଲେଖିଛନ୍ତି ପୁଣି
ଆରେ ମୋ ରଙ୍କୁଣୀ ରତନ
ଜଗି ଚଳୁଥିବୁ
ଦେହ ପା'ର ନେଇ ଯତନ ।।

ଭୋକ ମାରିବୁନି
ଖାଇବୁ ଖାଇବା ବେଳରେ
ଅଯଥାରେ କେବେ
ବୁଲିବୁନି ସାଙ୍ଗ ମେଳରେ ।।

ବହି ଖାତା ଯାହା
ଲୋଡା ଥିବ ସବୁ କିଣିବୁ
ପଢିଲେ ବସି ତୁ
ପାଠରେ ସଭିଙ୍କୁ ଜିଣିବୁ ।।

ପୋଷାକ ପତର
ରଖୁଥିବୁ ସଫା ସୁତର
ଭୁଲିବୁନି କେବେ
ଦେବାକୁ ଚିଠିର ଉତ୍ତର ।।

ମାଆଙ୍କ କଥାକୁ
ମାନି କରି ମୁହିଁ ଚଳିବି
ମନ ଦେଇ ପଢି
ସଭିଙ୍କୁ ପାଠରେ ବଳିବି ।।

ପାଇଛି ପଢିଛି
ହାତ ଲେଖା ଚିଠି ତୁମର
ଲେଖିବି ଭାବୁଛି
ମାଆଙ୍କୁ ଚିଠିରେ ଉତ୍ତର ।।





' ନିର୍ମାଲ୍ୟ '

ନୂଆପଡା, ନୟାବଜାର,କଟକ - ୪



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଲଳିତାର ଚିଟାଉ



ଚାରି ଭାଙ୍ଗୁଣିଆ।
ହଳଦୀ ଚନ୍ଦନ ମରା କାଗଜଟିଏ
ରତ୍ନ ସିଂହାସନ ପଛରୁ ମିଳିଲା
ବଡ ପଣ୍ଡା ହାତରେ ପଡିଲା ।

ଧୀରେ ଧୀରେ ଏକାନ୍ତରେ
ବଡ ପଣ୍ଡା ଖୋଲିଲେ କାଗଜ,
ତୁଳସୀ, ଦୟଣା ବାସ୍ନା
ସଂଚରିଲା ଆବୋରିଲା
ସ୍ନାୟୁ ଓ ମଗଜ ।

ଛୋଟ ଛୋଟ ଅକ୍ଷରରେ ,
କୁଙ୍କୁମରେ ଲେଖାଥିଲା
ଆହେ ଗୋପୀନାଥ ,
ଫେରିବ ବୋଲି କହିଲ ,ଚାଲିଗଲ
ତୁମ ବିନା ଗୋପ ପୁର ହତଶିରୀ
ଗୋପବାଳା ସଭିଏଁ ଅନାଥ ।


ଯମୁନାର ଜଳ ରାଶି ତରଙ୍ଗ ବିହୀନ ,
କଦମ୍ବ ଫୁଟୁନି ଆଉ
ଶୁଭୁନାହିଁ ବଇଁଶୀର ସ୍ୱନ ।

ଅଷ୍ଟ ପାଟବଂଶୀ ମେଳେ
ଦ୍ୱାରିକାରେ ଦ୍ୱାପର କାଟିଲ
ଗୋପପୁର ଦଧି , ଅଧାମ, ଲବଣି,
ସବୁ ପାଶୋରିଲ।
ଗିରି ଗୋବର୍ଦ୍ଧନ ଭୁଲି
ଏବେ ଉଭା ନୀଳ ଶଇଳରେ,
ବଡ ଦିଅଁ ,ବଡ଼ ଦାଣ୍ଡ, ବଡ ଦେଉଳରେ ।

ରାଧା କିନ୍ତୁ ଏବେ ବି ଯମୁନା ଯାଏ ,
କହୁଛି ତ,... ତୁମ ସହ ନିତି ଦେଖା ହୁଏ ।
ତମାଳ ଗଛ ଛାଇରେ ,ବେତସ ବନରେ
କଳା ବଉଦ ଘୋଟିଲେ ,
ତୁମ ବାସ୍ନା ବାରିପାରେ ,
ତୁମ ସହ ଭେଟ ହୁଏ
କେଶର କୁଞ୍ଜରେ ।

କହୁଥିଲା ରାଧା ,ଆଗାମୀ ବାସନ୍ତୀ ସନ୍ଧ୍ୟା
ଶାରଦୀୟ ପୂର୍ଣ୍ଣିମା ରାତ୍ରିରେ
ତୁମେ କାଳେ ଲେଉଟିବ ଗୋପ ନଗରୀରେ ।

ନିଶ୍ଚୟ ଆସିବ ସଖା ,
ଭୁଲିବନି ,.....
ସଜାଡି ରଖିଛି ମଧୁ ମାଳତୀ ବାଟିକା,
ତୁମ ରାଧା ତୁମରି ଇପ୍ସିତା ,
ଆସିଲେ ତ ଦେଖା ହେବ ,
ରହୁଛି-
ଲଳିତା ।



ସୁଭାଷ ଚନ୍ଦ୍ର ପଣ୍ଡା (ଓ ଇ ଏସ)

ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡ୍ୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)

ଧନରେ , ମୋ ପାଖକୁ ଚିଠି ଟେ ଲେଖିବୁ !



ବନ୍ଦିତା କର

ଯେଉଁ କ୍ଷଣି ମନ ତୋର....
ଦୁଃଖରେ ଭିଜି ଯିବ,ଆଶଂକାରେ ହଜିଯିବ !
ସେହି କ୍ଷଣି , ଲୁହକୁ ସ୍ୟାହି କରି....
ମନର କାଗଜ ଉପରେ ଦୁଃଖକୁ ଲେଖିବୁ !
ମୋ ପାଖକୁ ଚିଠିଟେ ଲେଖିବୁ !

ତୋର ସବୁ ଦୁଃଖ ସବୁ ବ୍ୟାକୁଳତା....
ବ୍ୟଥା ହୋଇ ନିଶବ୍ଦରେ ବର୍ଷିଯିବ,
ମୋ ସେନେହ ସବୁଜ କ୍ଷେତରେ...
ତା ମୋତେ ତୋ ଅଣ୍ଟାସୂତା ଘାଗୁଡିର ଶବ୍ଦ ପରି
ଛମ୍ ଛମ୍ ଶୁଭିବ |
ଧନ ମୋ ପାଖକୁ ଚିଠିଟେ ଲେଖିବୁ |

ଯେଉଁ କ୍ଷଣି ମନ ତୋର...
ସପନରେ ଝୁମୁଥିବ , ଭାବନାରେ ମଜୁଥିବ !
ସେହିକ୍ଷଣି ,ଇଚ୍ଛାକୁ ତୂଳୀ କରି.....
ହୃଦୟ କାନ୍ ଭାସ୍ ଉପରେ ସପନକୁ ଆଂକିବୁ !
ମୋ ପାଖକୁ ଚିଠିଟେ ଲେଖିବୁ !

ତୋର ସବୁ ସପନ , ସବୁ ଅଭିଳାଷ....
ସୂର ହୋଇ ନୀରବରେ ଝରିଯିବ ,
ମୋ ଆକୁଳ ପ୍ରାର୍ଥନା ଗୀତରେ....
ତା ମୋତେ ତୋ କଣ୍ଠର 'ମା' ଡାକ ପରି
ମିଠା ମିଠା ଲାଗିବ ।
ଧନ ମୋ ପାଖକୁ ଚିଠି ଟେ ଲେଖିବୁ !!!

ନୂଆବନ୍ଧସାହି , କଲେଜ୍ ରୋଡ୍, ନବରଂଗପୁର୍ _ _



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଚିଠି : ଏକ ମନ୍ତ୍ରିତ ସ୍ୱର ଅନୁରାଗ ର..!!

ସରୋଜିନୀ ଦାସ

ପ୍ରଥମ ଚିଠି କେବେ ପଢ଼ିଥିଲି,
ଧାରଣା ହେବା ପରେ....
ବିଲ୍ କୁଲ୍ ମନେ ନାହିଁ।
କିନ୍ତୁ ପ୍ରଥମ ପ୍ରେମପତ୍ର ର
ଅସ୍ଥିର କମ୍ପନ
ଏବେ ବି ମୁଁ ସାଇତି ଛି
ମୋ ମନ ଗହନ ବନେ ।

ଲମ୍ବା ପ୍ରତୀକ୍ଷା ର
ଅନ୍ତ ଘଟାଇ
ପ୍ରେମଧୁଆ ଚିଠି
ମୋ ଦୁଆରେ ଯେବେ
ଦସ୍ତକ୍ ଦେଲା....
ଟାଣ ଖରାଧୁଆ ଦିପହରେ ବି
ଗୋଟା ସୁଦ୍ଧା ଥରୁଥିଲା
ମୋ ପ୍ରାଣ ତନ୍ତ୍ରୀ ।

ପ୍ରିୟ ଙ୍କ ପରିବାର ର
ସଭିଁଙ୍କ ଅଭିଭାଷଣ ସହ
ଅଭିନନ୍ଦନ ଭରା ଚିଠି ସବୁ
ଧିରେ ଧିରେ ମେଳା
ବାନ୍ଧୁଥିଲେ ମୋ ଚାରିପାଖେ ।
ଏବେ ଥରାପଣ ବଦଳିଯାଇଥିଲା
ଶିହରଣ ରେ ।
ନୀଳ ସ୍ୟାହି ର
ଆକର୍ଷଣ ରେ ଅନିର୍ବଚନୀୟ
ଉତ୍କଣ୍ଠା ରେ ବିତୁଥିଲା
ମୋ ଦିନ ଆଉ ରାତି ।

ନୂଆ ସଂସାର,ନୂଆ ସମ୍ପର୍କ ର
ପରିଭାଷା ରେ ....
ରଙ୍ଗୀନ୍ ହୋଇଥିଲା
ସଫେଦ୍ କାଗଜ ର ଦେହ
ଆଉ----
ମିଶେଇଥିଲା ମୋ ଦେହରେ
ଶହେଆଠ ତାତି.....
ସେ ଉଷ୍ମତା ରେ
ଉଷ୍ମେଇ ଯାଇ
ମୁଁ ଯୋଡୁଥିଲି...
ସମ୍ପର୍କ ର ମାଳି ;
ଗୋଟିଏ ପରେ ଗୋଟିଏ
କଳା ଧଳା
ନାଲି ଆଉ ନେଳି ।

ଅକୁହା ଅବ୍ୟକ୍ତ
ସେ ମତୁଆଲା ଚିଠି...
ସମ୍ପର୍କର ସଂଜ୍ଞା ଗଢି
ଜୀବନର ଅଗଣା ରେ
ବିଞ୍ଚୁଥିଲା ରଙ୍ଗୀନ୍ ଆଶା ର
କମକୁଟ କରା
ଚିତ୍ରିତ ମୋହ ମିଶା ଝୋଟି ।

****

କଳିଙ୍ଗ ବିହାର,



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଡୁଯୀ


ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର




" ଠିକଣା ଓ ଚିଠି "

(ସମର୍ପଣ ଅଧ୍ୟାୟରୁ)

ପ୍ରଭାତ କୁମାର ନାୟକ







ଠିକଣା-

କେହି ଏଠି ବସାଏ ତୁମକୁ ନେଇ
ମନ୍ଦିରରେ , ମସଜିଦ୍ ଅବା ଗୁରୁଦ୍ୱାରେ,
କେହି ପୁଣି କହୁଥାଏ ତୁମରି ଠିକଣା
କାଳେ ବୈକୁଣ୍ଠ ବାସରେ ।

କେହି ପୁଣି ତୁମକୁ ବିଭାଗ କରି
ରକ୍ତ ନଦୀ ବହିଦିଏ ଏଇ ଦୁନିଆରେ ,
କେହି ଲୋଟୁ ଥାଏ ତୁମ ନାମ ମୋହର ଲଗାଇ
ଅଧର୍ମର ଅନ୍ଧାରୀ ଗଳିରେ ।

ତୁମେତ ରହିଛ ବ୍ୟାପି
ଜଳସ୍ଥଳ,ନଭ ଅବା ନୀଳ ବନାନୀରେ,
ମୂଢ ମନ କିପରି ଜାଣିବ ତାହା !
ହେ ଈଶ୍ୱର ହେ ଈଶ୍ୱର କୁହାଟ ମାରିଲେ ଯେତେ
,
ତୁମେତ ରହିଛ ବ୍ୟାପି
ହୃଦୟର ନିବୁଜ କୋଣରେ ।

ଯୁଗ ପରେ ଯୁଗ ତୁମେ ଆସ
ନବ ରୂପ ନବ ଆଲୋକରେ ,
ତଥାପି ଏ ମୂଢମତ୍ତି
ତୁମକୁ ଚିହ୍ନେନା ଆହା !
ମୃତ୍ୟୁର ଆଡ଼କୁ ଧାଏ
ଅଜ୍ଞାନର ଅମଡା ବାଟରେ ...।

ଚିଠି-

ସଂସାରର ମୋହରେ ମାୟାରେ
ଭୁଲି ହୋଇ ଯାଏ ତୁମ
ସୁମଧୁର ରୂପ ଛାୟା
ଅଜ୍ଞାନର ଘନ ଅନ୍ଧକାରେ,
ନିଜକୁ ଲୁଚାଇ ଦେଇ
ମଦମତ୍ତ ଖୋଳପା ଭିତରେ
ଏ ମଣିଷ ଚିନ୍ତା କରେ ଭାଙ୍ଗି ଦେବ ପୃଥିବୀକୁ ,
ବାନ୍ଧି ଦେବ ଚନ୍ଦ୍ର ସୂର୍ଯ୍ୟ ହାତ ପାପୁଲିରେ ।

କିଏ ଜାଣେ..?
ଜୀବନର ଲଫାପାରେ
ନିତି ଲେଖା ହେଉଥାଏ
ସବୁ କର୍ମାକର୍ମ, ହସ ଲୁହ, ସ୍ମୃତି ବିସ୍ମୃତିର
ଧାଡି ସବୁ ଅଦୃଶ୍ୟ ଅକ୍ଷରେ ,
କିଏ ଜାଣେ..?
ଜୀବନର କେତେ ଭଲ କେତେ ମନ୍ଦ ପାପ ପୂଣ୍ୟ
ନିତି ସେ ତଉଲୁ ଥାଏ
ଧର୍ମ ନିକିତିରେ...।

ସବୁ ଜାଣି କିଛି ନଜାଣିବାର
ବିଚିତ୍ର ବାହାନା ତୋର
ସବୁ ଦିନେ ନିଷ୍ଫଳ ହୋଇବ,
ଯେ ଦିନ ଦୁଆରେ ତୋର ମହାକାଳ
ଡାକ ବାଲା ବେଶେ ଆସି
କରାଘାତ ଦେବ ।

ସୁକର୍ମ ଦୁଷ୍କର୍ମ ତୋର
ହିସାବ ଖାତାରେ ତାର
ନିତି କଷୁଥାଇ ,
ପୂଣ୍ୟ ଆତ୍ମା ଚିଠି ତକ ପହଞ୍ଚିବ ବୈକୁଣ୍ଠରେ
ପାପ ଆତ୍ମା ଫେରିଯିବ,ହଜିଯିବ
ଆଉ କିଛି ଘୁରୁଥିବ କାଳ ଚକ୍ର ଆବର୍ତ୍ତରେ
ଠିକଣା ହଜାଇ.....।

ମଧୁପୁର,ଭଦ୍ରକ,ଓଡିଶା,

"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଶୁଦ୍ଧୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)

କବି ରମେଶ ଚନ୍ଦ୍ର ପସାଏତ୍ ଙ୍କ "ଚିଠି " କୁ ନେଇ ଦୁଇଟି ଆବେଗ ଭରା କବିତା :



-- ଈଶ୍ୱରଙ୍କୁ ଚଠି ଟିଏ--

ହେ ଈଶ୍ୱର !
ଶରଣ ରଖ ।
ଇଚ୍ଛାମୟ !
ତୁମ ଇଚ୍ଛା ପୂର୍ଣ୍ଣହେଉ ।
ହେ ଈଶ୍ୱର ! ସର୍ବାନ୍ତର୍ଯାମି !
ନାମ ତୁମେ ନାମୀ ତୁମେ
କର୍ତ୍ତା ତୁମେ କ୍ରିୟା ତୁମେ କରଣ ବି ତୁମେ
ତଥାପି କାହିଁକି ଅବୁଝା ରହୁଛ ?
ବୁଝା ପଡିଯିବାରେ ଅସୁବିଧା କଣ?
ମୁଁ ଅବୋଧ ହୋଇ ପାରେ
ତଥାପି ତୁମର ।
ବୁଝା ପଡିଗଲେ ବୋଧେ
ମୋର ଖୋଜିବାର ନିଶା ଭାଙ୍ଗି ଯିବ ନା ?
ତେବେ
ମୁଁ ଶୀତରେ ବର୍ଷାରେ ଗ୍ରୀଷ୍ମରେ ବି
ନାଦ ବ୍ରହ୍ମ ଶବ୍ଦର ମହ୍ମାରେ
ବୁଝିବି କେମିତି
ନିତ୍ୟ ଫଗୁଣର ଆନନ୍ଦ ଲହରୀ ?

ଇତି
ତୁମର
ମୁଁ

ନି ,ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ କଣ୍ଟେଇକେଲା, ଝାରସୁଗୁଡା
ଫୋନ୍ ୯୭୭୭୩୯୪୫୫୮

-- ପ୍ରେୟସୀ କୁ ଚିଠି ଟିଏ --

ସମୟର ବୟସକୁ
ବାସନାର ଆୟୁଷକୁ
ବାଟବଣା ବାଟୋଇ ପରି
ଇତସ୍ତତଃ ଖୋଜୁଥିବା ବେଳେ
ଅପସରୀ ପ୍ରେୟସୀ ଗୋ !
ମନର ଉଚ୍ଛ୍ୱାସେ ପ୍ରାଣ ଅନୁରାଗେ
ଗାଇବାକୁ ମଧୁଗୀତି ପ୍ରୀତିଛନ୍ଦା ଅଲିଭା କାଳିରେ
ଚିଠି ଟିଏ ତୁମ ପାଖୁ ପାଇ ହେଲି ଖୁସି
ଭୁଲିଗଲି ଅୟୁତ ବେଦନା
ବୁକୁଥରା ମନରୁନ୍ଧା ଜଟିଳ ଯାତନା
ପ୍ରେମର ଚନ୍ଦନେ ଅଙ୍ଗ ହୋଇଗଲା ଲେସି ।

ମୋ ସ୍ମୃତିର ଉଦିଆଁ ଚାନ୍ଦରେ
ଆଜି ବି ହସୁଛି ସେ ଚିଠି ପୀରତି ରଙ୍ଗରେ
ମୁଁ କିନ୍ତୁ ପାରୁନାହିଁ ହସି
କାନ୍ଦି ବି ପାରୁନାହିଁ ସତେ
ଯାହାପାଇଁ ହେଉଥିଲା ହର୍ଷ ଆଉ ଶୋକ
ସେ ନାହିଁ ଆଉ ମୋ ପାଖରେ ।

ଲେଖୁଛି ମୁଁ ଚିଠି ଆଜି ଭାବନା ରଙ୍ଗରେ
ବିଶ୍ୱାସର ବଳବତୀ ଅକ୍ଷୁର୍ଣ୍ଣ ସେ ପ୍ରାଣ ସମ୍ବେଗରେ
ଯେଉଁଠାରେ ଥାଅ ତୁମେ ଭଲରେ ହିଁ ଥାଅ
ହସୁଥାଅ ହସାଉ ବି ଥାଅ
ତମ ପାଇଁ କାହା ନେତୁଁ ନ ଝରୁ ନିର୍ଝର ଲୁହ
ଶୂନ୍ୟେ ପବନରେ ପଠାଇଲି ଚିଠି
ଆନନ୍ଦ ଲହରୀ ଖେଳୁ ତୁମ ଚଉକତି ।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ସୃଜନୀ ପରିବାର (ଚେନ୍ନାଇ)
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



-- ଚିଠି--

ମନୋରମା ମିଶ୍ର

ଚିଠି ନୁହେଁ ସିଏ ଚିହ୍ନା ମଣିଷର
ଅନ୍ତର ନିଗିଡା ଭାଷା
ଚିଠି ନୁହେଁ ସିଏ କେତେ ଅପେକ୍ଷାର
ନୀରବ ଅଧୀର ଆଶା ।

ମନର ଭାବନା କଲମ ମୁନରେ
କାଗଜେ ଫୁଟାଇ ଦେଇ
ଠିକଣା ଲେଖିଲେ ଠିକଣା ଜାଗାରେ
ପହଞ୍ଚାଏ କିଏ ନେଇ ।

ସ୍ନେହ ପ୍ରୀତି କଥା ସୁଖ ଦୁଃଖ ବ୍ୟଥା
କୁଶଳ ଜିଜ୍ଞାସା ଥାଏ
କାଗଜ ସିନା ସେ ମୂଲ ତା' ଅମୁଲ
ଯିଏ ଦିଏ ସେ ପାଏ ।

ପ୍ରିୟ ଜନ ଠାରୁ ଚିଠି ଟିଏ ପାଇ
ଅବା ଲେଖି ଚିଠି ଟିଏ
ଭରି ଯାଏ ମନ କଟେ ଅବସାଦ
ହୃଦୟ ହାଲୁକା ହୁଏ ।

ପଢୁଥିଲେ ଲାଗେ ଦେଇଥିବା ଲୋକ
ଚିଠିଟି ଭିତରୁ ଚାହିଁ
ଆଖିରେ ଆଖିକୁ ମିଶାଇ ଦେଇ ତା'
ମନ କଥା ଯାଏ କହି ।

ମନ ଛୁଆଁ ଚିଠି ସାଇତା ସନ୍ତକ
ସାତ ସିନ୍ଧୁକ ର ଧନ
ବେଳେ ବେଳେ ତାକୁ କାଢି ଦେଇ ଟିକେ
ପଢିବାକୁ ହୁଏ ମନ ।

କେତେ ନିବିଡ଼ ଏ ଚିଠି ଦିଆ ନିଆ
ସମ୍ପର୍କର ଭାବ ଧାରା
ବିଜ୍ଞାପନ ଅବା ପ୍ରମାଣ ପତ୍ର ଏ
ସ୍ନେହ ସରାଗର ପରା ।

ହେଲେ ଏବେ ଆଉ ମନ କଥା ଲେଖି
କିଏ ବା କାହାକୁ ଦିଏ
କାନରୁ କାନକୁ କଥା ଭାସିଲାଣି
ଚିଠି କୁ ପଚାରେ କିଏ ???

ନୀଳାଦ୍ରି ବିହାର
ଭୁବନେଶ୍ୱର -୨୧
ମୋବାଇଲ :୯୮୬୧୫୭୮୫୩୨



ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
ସୃଜନୀ ପରିବାର (ଚେନ୍ନାଇ)



ବୋଉ କୁ ଚିଠି

ସୁଷମା ପରିଜା

ବୋଉ ଲୋ,
ଚିଠି ନୁହେଁ ଇଏ ମୋ ଆଖିର ଲୁହ କାଗଜେ ଦେଇଛି ଢାଳି
କାନ୍ଦିବୁନି ଜମା ମୋ' ରାଣ ଲୋ ତତେ ଚିରି ଦେଇ ଦେବୁ ଜାଳି ।।
ମତେ ବାହା ଦେଇଥିଲୁ ଭଲ ଘର ଆଉ ଭଲ ବର ଦେଖି କରି
ଭଲ ଯଦି ହେଲା ମୋ ଭାଗ୍ୟ କୁ ଭେଲ ଦଇବ ହୋଇ ଭଗାରି ।।
ଯେଉଁ ଶାଶୁଙ୍କୁ ମୋ'ର ଦ୍ୱିତୀୟ ମାଆ ବୋଲି ତୁ ଯେ କହିଥିଲୁ
ପ୍ରଥମ ଦିନରୁ ତାଙ୍କ ହାବଭାବ ଦେଖି ଶୁଖିଗଲା ମୋର ତାଳୁ ।।
ତୋ'ର ଦେଇଥିବା ସୁନା ଜିନିଷକୁ ମୋ ଦେହରୁ କାଢି ନେଲେ
କେତେ ତୋଳା ସୁନା ତୋ' ବାପ ଦେଇଛି, ନିକିତିରେ ତଉଲିଲେ ।।
ତୁ ଶିଖେଇଲୁ ନଣନ୍ଦ ତୋ'ର ସାନ ଭଉଣୀ , ତା' କଥା ବୁଝୁଥିବୁ
ପ୍ରଥମ ଦିନରୁ ସେଇ ସାନ ଭଉଣୀ ଟି ମୋ ସଜବାକ୍ସ କଲା କାବୁ ।।
କହିଲୁ,ଯାଆ କାଳେ ମୋର ବଡ ଭଉଣୀ ସେ ସବୁ କଥା ଶିଖେଇବେ
ପ୍ରଥମ ଦିନରୁ ହାଣ୍ଡି ଚୁଲି ଧରେଇ ଦେଇ ସେ ନିଜକୁ ମାଷ୍ଟ୍ରାଣୀ ଭାବେ ।।
କେତେ ଅଲିଅଳୀ କରି ବଢାଇଥିଲୁ ତୁ ,ଦିନେ ତ ଦେଇନୁ ଗାଳି
ଏଠି ପାନ ରୁ ଚୂନ ଟେ ଖସିଲେ ବୋଉଲୋ ବର୍ଷିଯାଏ ମାଡ ଗାଳି ।।
କ୍ୱାଇଁ କଥା ବୋଉ ନ କହିଲେ ଭଲ ତାଙ୍କ ନାକ ଅଗେ ରାଗଥାଏ
ଟିକିଏ କଥାରେ ହାତ ଉଠାନ୍ତି ସେ, ସବୁ ଯାତନା ଏ ଦେହ ସହେ ।।
ଶଶୁର ମୋ'ର ଗାଁ ସରପଞ୍ଚ, ସେ ଯେ ନିଇତି କରନ୍ତି ସଭାରେ ନ୍ୟାୟ
ତାଙ୍କ ଘରେ ଯେଉଁ ଅନ୍ୟାୟ ହେଉଛି ତା' ବିଚାର କରିବ କିଏ ସେ କହ ?
ଝିଅ ଜନମ ଟା ଏତେ ଦୁଃଖ ବୋଲି ଜଣାଥିଲା ଯଦି ବୋଉଲୋ ତତେ
ଏନ୍ତୁଡି ଶାଳ ରୁ ତଣ୍ଟି ଚିପି କିଆଁ ମାରି ଦେଲୁନି ତୁ ବୋଉଲୋ ମତେ ?

। ଶାରଳା ଭବନ ପୋତାପୋଖରୀ ନୂଆବଜାର କଟକ ।



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଡୁଯୀ

ପ୍ରଜ୍ଞା ଓ ପୁଲକର ନୂତନ ଉତ୍ତାହାର

ବିପୁଳ ବିଶ୍ୱାସ -ଏକ ଚିଟାଉ

ଦୀପକ କୁମାର ଦେ



ବିଧିବଶେ ଆପାତରମ୍ୟ କୋଳେ, ଆଚ୍ଛାଦିତ ଅଞ୍ଚଳେ-
ବିରଚିଛି ଆତ୍ମଜ୍ଞାନ ସହକାରେ , ବିବେକ ସ୍ପନ୍ଦନେ;
ବାଜିକର ପର୍ଣ୍ଣ-ପୁର ପ୍ରଭାମୟ କାଦମ୍ବିନୀ କୋଳେ-
ବର୍ଷା-ବୀଣା-ବାଦ୍ୟ -ଶ୍ରାବଣ ରଜନୀର ପ୍ରିୟ ଭାଷଣେ ।

ବିହଙ୍ଗମ ମୃଦୁତାନେ ବର୍ଣ୍ଣିଳ-ନବଭାନୁ କିରଣେ,
ବିଭୂଷିତା ବଲ୍ଲଭୀ ଜହ୍ନର ନୀଳାମ୍ବରୀ ରୋଶଣୀରେ-
ବିଦ୍ରବିତ ସ୍ୱପ୍ନ ,ସଜଳ ନୟନେ ସ୍ରବଣ ଶ୍ରବଣେ -
ବାଗବିସ୍ତାରେ ପୁଲକଭରେ ,ପ୍ରାଣସ୍ପର୍ଶୀ ସର୍ଜନାରେ;

ବିସ୍ମୟାତୀତ ଶୋଭା ବିଳାସେ ବିମୁଗ୍ଧ କରମର୍ଦନେ-
ବାଳସୁର୍ଯ୍ୟ ତନୁ-ମନ ଭ୍ରମୁଥାଏ ଭ୍ରମର ପରାଏ;
ବିଭୋରିତ ପ୍ରବଣତା ମନମଞ୍ଜିତ ପାଦ ଚଳନେ,
ବିଲମ୍ବିତ ଗୋଧୂଳି ଲଗନେ ବିଧୃତ ଚପଳତାରେ ।

ବିମୋହିତ ବଲ୍ଲରୀ ଅଧରେ ବିରାଜିତ ବିଜୟୀନୀ-
ବିପୁଳ ବିଶ୍ୱାସେ ମୃଦୁହାସେ ଆସିବ ବନିତାମଣି ।

। ଅନୁଗୋଳ , ଓଡିଶା ।

ଭାବାର୍ଥ : - ବିଧିବଶେ -ଭାଗ୍ୟ ହେତୁ, ଆପାତରମ୍ୟ- ଅତ୍ୟନ୍ତ ରମଣୀୟ , ବନିତାମଣି- ଯୁବତୀ ଶ୍ରେଷ୍ଠ , ବାଜିକର- ଯାଦୁଗର, ବିଦ୍ରବିତ - ଦ୍ରବିଭୂତ, ବଲରୀ -କଅଁଳ ପତ୍ର , ବିଧୃତ - ବ୍ୟାପ୍ତ ,ସ୍ରବଣ -ଝରଣା ବିଲମ୍ବିତ- ପ୍ରସାରିତ ।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ସୃଜନୀ ପରିବାର (ଚେନ୍ନାଇ)

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଉପହାର

--ଚିଠି--



କମଳିନୀ ଦେବୀ

ଅତି ଶରଧାରେ ନେଳିଆ ପତରେ
ବାପା ଦେଉଥିଲେ ପତର
ସ୍ନେହର ଝିଅ ମୋ ସ୍ନେହାଶିଷ ନେବୁ
ଜୋଇଁ ଙ୍କୁ ବହୁତ ଆଦର ।।
ସମୁଦି, ସମୁଦ୍ରଣୀଙ୍କୁ ଶୁଭେଚ୍ଛା ମୋର
ଜଣାଇ ଦେବୁ ତୁ ଘରେ
ସର୍ବ ପରିବାର କୁଶଳରେ ଥିବ
ଦୟାମୟ ଙ୍କ କୃପାରେ ।।
ଆମେ ମଧ୍ୟ ଏଠି କୁଶଳରେ ଅଛୁଁ
ସର୍ବ ସୁଖେ ପରିବାର
ଭାଇ, ଭଉଣୀ ତୋ ଅଛନ୍ତି ଭଲରେ
ଚିନ୍ତା ମନେ ତୁ ନକର ।।
ମାଉସୀ ଝିଅ ତୋ ବାହାଘର ହେବ
କାକା ପୁଅ - କନ୍ୟା ଦେଖା
ଅଜା, ଆଈ, ତୋର ଅଛନ୍ତି ଭଲରେ
କରୁଛି ମୁଁ ଦେଖା ରେଖା ।।
ମାମୁଁ, ମାଇଁ, ତୋର ଖବର ବୁଝନ୍ତି
କେମିତି ଅଛୁ ତୁ ବୋଲି
ସାଙ୍ଗସାଥି ତୋର ଦେଖିଲେ ବାଟରେ
ଦାଣ୍ଡରେ ହୁଅନ୍ତି ଓଗାଳି ।।
ପଚାରି ବୁଝନ୍ତି ତୋର ଭଲମନ୍ଦ
ଶୁଣି ହୁଅନ୍ତି ଯେ ଖୁସି
କହନ୍ତି ଏଥର ଭୋଜିଭାତ କରି
ମନାଇବୁ କେତେ ଖୁସି ।।

ସାହି ଓ ଗାଆଁର କେତେ ଯେ ଖବର
ଚିଠିରେ ଦିଅନ୍ତି ଲେଖି
ପଢୁଥିଲେ ପତ୍ର ଦୃଷ୍ଟି ସମୀପରେ
ଯାଉଥାଏ ମତେ ଦିଶି ।।
ମୋ ଗାଆଁ ରାସ୍ତା ମୋ ଗାଆଁ ଘର
ମୋ ଗାଆଁ ପୋଖରୀ କୂଳ
ସାଙ୍ଗସାଥି ମୋର କେତେ ଆପଣାର
ଆଖି ହୁଏ ଛଳ ଛଳ ।।
ଗାଆଁର ମମତା ଭୁଲି ହୁଏ ନାହିଁ
ସମସ୍ତେ ତହିଁ ନିଜର
ବିଧି ସିନା କରିଦିଏ ତ ଝିଅକୁ
ନିଜ ଲୋକୁ ସାତ ପର ।।
ସାଇତି ରଖଛି ବାପାଙ୍କର ଚିଠି
କେତେ ଯତନରେ ମୁହିଁ
ଯଦି ବା ପଢୁଛି କେବେ ତାକୁ ଆଣି
ଲୁହ ତ ଆସେ ଛକେଇ ।।
ସେନେହ, ଶରଧା ଭରିଛି ପତ୍ରରେ
ଆଶିଷ, ଆଦର କେତେ
ବୁକୁ ତଳେ ଚାପି ଅନୁଭବିଛି ମୁଁ
ପିତାଙ୍କର ସ୍ନେହ ଯେତେ ।।
ନାହାଁନ୍ତି ମୋ ପିତା ହେଲେଣି ସ୍ୱର୍ଗତ
ତଥାପି ଝୁରେ ତ ମନ
ପିତା କୋଳେ ବସି ସ୍ନେହରେ ଭିଜିଛି
ମନେ ପଡେ ପିଲା ଦିନ ।।

କେତେ ଯେ ଆକଟ ଅନୁଶାସନରେ
ଗଢି ଅଛନ୍ତି ଆମକୁ
ଆଜି ବି ଭକ୍ତିରେ ନଇଁ ଯାଏ ମଥା
ପିତା ସ୍ନେହ ପାଇବାକୁ ।।

ଇଉନିଟ୍ - ୬ , ଭୁବନେଶ୍ୱର

"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଡୁଯୀ

ପ୍ରଜ୍ଞା ଓ ପୁଇଜର ନୂତନ ଇଷ୍ତାହାର

ଚିଠି ଟିଏ ମୁଁ ଗୋ ଚିଠି ଟିଏ

ପୁଷ୍ପାଞ୍ଜଳି ପଣ୍ଡା



ଚିଠି ଟିଏ ମୁଁ ଗୋ ଚିଠି ଟିଏ
ମୋତେ ଆଜି ଆଉ ପଚାରେ କିଏ ?

ଦିନେ ମୁଁ ଥିଲି ସବୁରି ପ୍ରେୟସୀ
ସବୁରି ମୁଖେ ଫୁଟାଇଛି ହସି

ଥିଲି ମୁଁ ସୁଖରେ ଦୁଃଖରେ ଲୋଡ଼ା
ଆଜି ମୁଁ ସବୁରି ପାଶେ ଅଲୋଡ଼ା

ଫେସ ବୁକ ,ହ୍ୱାଟ୍ସଅପ ର ପ୍ରଚଳନ
ଆହୁରି ଆସିଲା ମୋବାଇଲ ଫୋନ

ଚିଠି ଲେଖା ଆଜି ଯାଇଛି ହଜି
ଲେଖିବା ବିଧି ମଣିଷ ଭୁଲିଛି ଆଜି

ପ୍ରବାସରୁ ଆଣୁଥିଲି କେତେ ଦୁଃଖ ସୁଖ ଖବର
ଚାତକ ପରାଏ ଦେଖୁଥିଲେ ବାଟ ସବେ ମୋହର

ଚିଠି ଲେଖି କାହ୍ନୁ ଭାଙ୍ଗୁଥିଲେ ରାଧାଙ୍କ ମାନ
ପ୍ରେମୀ ଯୁଗଳ ଲେଖି ପ୍ରେମ ପତର ବଞ୍ଚୁଥିଲେ ଦିନ

ବୀରହି ପରାଣେ ସିଞ୍ଚି ଦେଉଥିଲି ପ୍ରେମ ପରଶ
ଅଳସୀ ପ୍ରିୟାର ନିଦ ଭାଙ୍ଗୁ ଥିଲା ପାଇ ମୋ ସ୍ପର୍ଶ

ମୋ ବିନୁ ଜୀବିକା ହରାଇଲେ କେତେକ ଜନ
ଅନିତ୍ୟ ସଂସାରେ ସବୁ ଦିନ କେବେ ନୁହେଁ ସମାନ



ସ୍ମୃତି ଟିଏ ହୋଇ ଆଜି ମୁଁ ଯାଇଛି ରହି
ଆସିବ ସୁଦିନ ପୁଣି ମୁଁ ଉଠିବି ଚେଇଁ

ଚିଠି ନୁହେଁ ଖାଲି ଅଟେ ମୁଁ ଯେ ସମ୍ପର୍କର ଡୋରି
ବାନ୍ଧି ରଖିଥିଲି ,ରଖିଛି ,ରଖିବି ସୁଦୃଢ କରି

ଟେଲିଫୋନ ଭବନ
ଥାନା ଛକ,ବରଗଡ଼ ,
ମୋବାଇଲ :୯୪୩୯୨୦୮୨୦୦ ,

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ସୃଜନୀ ପରିବାର (ଚେନ୍ନାଇ)

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ସ୍ମୃତିର ଚିଠି



ଜୟଶ୍ରୀ ପଟ୍ଟନାୟକ

କେମିତି କହିବି ପ୍ରିୟତମ ମୋର
ବଞ୍ଚିଛି ଏଠି ଏକାକୀ
ସପନ ଦେଖାଇ ଛାଡି ଦେଇଗଲ
କରିଦେଇ ନିରିମାଖି ॥

କେତେ ଆଶା ମନେ ଢେଉ ଖେକୁଥିଲେ
ଆଖି ପଲକରେ ଥାଇ
ହେଲେ ଓଠ ଖୋଲି ହସିଲା ବେଳକୁ
ଗଲେ ତ କାହିଁ ଉଭେଇ ॥

ହାତର ମେହେନ୍ଦୀ , ଗଭାର ଗଜରା
ପାଦର ଅଳତା ଗାର
ସବୁ ପରିହାସ କରୁଛନ୍ତି ଏବେ
ଚାଲିଗଲ ଛାଡି ଦୂର ॥

ଗଲା ଫଗୁଣରେ କିଣିଥିଲ ମନ
ସାତ ରଙ୍ଗ ଅବିରରେ
ପୁନେଇଁ ପଖଳା ରାତି ସବୁ ଆଣି
ଦେଇଥିଲ ପାପୁଲିରେ ॥

ଶେଷ ଦେଖା ବେଳେ କହିଥିଲ ପ୍ରିୟା
ଆସିବି ମୁଁ ଶ୍ରାବଣରେ
ଦୁଇ ଆଖି ସ୍ୱପ୍ନ ଏକାଠି ଦେଖିବା
ଗୋଲାପୀ ସଞ୍ଜ ବେଳରେ ॥

ସେନା ପୋଷାକରେ ଦିଶୁଥିଲ ତୁମେ
ମୋ ହୃଦୟର ରାଜା ପରି
ଗଣ୍ଡ ଦେଶେ ମୋର ଚୁମ୍ବନ ବାଢିକି
କହିଲ ଆସିବି ଫେରି ॥

ସୀମାନ୍ତ ଯୁଦ୍ଧରେ ବୀର ପରି ଲଢ଼ି
ତାରା ହୋଇ ଗଲ ରହି
ତୁମ ସନ୍ତକ କୁ ଗର୍ଭରେ ଧରିକି
ଯାଇଛି ମୁଁ ନିଃସ୍ୱ ହୋଇ ॥

ଯେତେ ଚିଠି ଦେଲ ସବୁ ଥିରେ ଥିଲା
ତୁମ ହାତ ଲେଖା ବାସ୍ନା
ସେଦିନ ଚିଠି ଟି କାଳ ଦେଇଗଲା
ବଢ଼ାଇ ମନର ତୃଷ୍ଣା ॥

ଯେଉଁ ହାତେ ତୁମେ ସିନ୍ଦୁର ଟୋପାଏ
ଦେଇଥିଲ ସିଛି ଧାରେ
ଧଳା ଚାଦର ର ତଳେ ଶୋଇ ତାହା
ପୋଛିଦେଲ ଅଶ୍ରୁ ନୀରେ ॥

ଶୁନ୍ୟ ଘର ଏବେ ଶୁନ୍ୟ ବି ଅଗଣା
ତୁମ ଶେଷ ଯାତ୍ରା ପରେ
ଶୁନ୍ୟ ମୋର ମଥା ,ଶୁନ୍ୟ ପ୍ରେମ ପାତ୍ର
ଅନ୍ତର କୋହର ଝୁରେ ॥

ଭୂମିଷ୍ଠ ହୋଇଲେ ତୁମ ସନ୍ତକକୁ
କି ଅବା ଦେବି ମୁଁ ଉତ୍ତର
କାନ୍ଥରେ ଲଟକା ଛବି ଦେଖେଇ କି
ଲୁହକୁ ପୋଛିବି ମୋର ॥

ସ୍ମୃତି ଜଉ ଘରେ ସବୁ ଚିଠି ପଢି
ବଞ୍ଚିଥିବି ଏକାନ୍ତରେ
ଶାନ୍ତି ଟିକେ ପାଇ ତୁମ ଆତ୍ମା ଏବେ
ଶୋଇଥାଉ ନିଶ୍ଚିନ୍ତ ରେ ॥

ଦେଶ ମାତୃକାରେ ଦେଇଛ ଜୀବନ
ମରଣ ର ମାଟି ତୁମି
ମରିବି ତ ତୁମେ ଅମର ରହିଛ
ପବିତ୍ର କରି ଏ ଭୂମି ॥॥



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ମଧୁସୂଦନ ନଗର ,ଜଟଣୀ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ହିରଣ୍ମୟୀ କୁ ଚିଠି .....

ଚିଠି ନୁହଁ.....!
ଏକ ତୀବ୍ର ଆବେଗ
ଏକ ପ୍ରାର୍ଥନା ...
ଏକ ଅହେତୁକ ରଦ୍ଧ
ଶ୍ୱାସ ର ସମର୍ପଣ....
କାଗଜ କାନ୍ଥ ରେ ଲେସା
ପରସ୍ତ ପରସ୍ତ
ଅନୁଚ୍ଚାରିତ ଅଭିବ୍ୟକ୍ତି .... ।
ପଢିବ ନିଶ୍ଚୟ ...
ଇଏ ମୋ ନିର୍ବାତ୍ ବ୍ୟାକୁଳତା ....॥

ମୁଁ...
ଶବ୍ଦ ନୁହଁ ..
ଭାବ ବି ନୁହଁ...
ଶିଳ୍ପୀ ନୁହଁ
ଶିଳ୍ପକଳା ବି ନୁହଁ...
ମୋର ଆବେଗ
ପୁଳାଏ ମାଟି ..
ଚେନାଏ ଆକାଶ ଆଡକୁ ଲମ୍ବେ
ବେଳେ ବେଳେ ,
ସବୁବେଳେ ନୁହଁ ..... ।
ମୁଁ...
ସେଇଠି ନଇଁପଡେ
ଯେଉଁଠି ମରେ ...
କୁହୁଡ଼ି ଦେଖିଲେ
କାକର ପାଲଟେ ...
ଛୁଇଁ ଦେଲେ ପାଣି
ବହିଗଲେ ନଈ
ବସିଗଲେ
ନିଥର ପଥର ପାଲଟେ .... ।।

ମୁଁ ଜାଣେନା ...
ମୋ ଅଭିମାନ ପାଇଁ ..କି...
ପ୍ରାୟଶ୍ଚିତ ପାଇଁ ...,
ଏବେ ମୋ ସ୍ପନ୍ଦନ ସ୍ଥିର
ଶବ୍ଦ ସ୍ତବ୍ଧ ...
ପୋଥି ନୀରବ ...
ଅପେକ୍ଷାରତ ସେହି
କ୍ଷଣ ପାଇଁ ....
ଯେତେବେଳେ
ମୋ ପୃଷ୍ଠା ମହକିବ... ।।
ଏବେ ମୁଁ ଖାଲି ପଢ଼େ
ନୀରବ ରେ...
ଅନୁଭବ କରେ
ଶବ୍ଦ ସବୁଙ୍କ ଅସଂଖ୍ୟ
ଆବେଗ...
ସତେ ଯେମିତି
ଖଣ୍ଡେ ଖଣ୍ଡେ
ଧଳା ମେଘ ....
ଫୁଲର ରଙ୍ଗ... ଆଉ
ସଂପର୍କ ର ଛାଇ ...
ଭାସମାନ ହିରଣ୍ମୟୀ
ଆକାଶରେ .....
ଖଣ୍ଡେ ଖଣ୍ଡେ ଚିଠି ହୋଇ... ।।
ମୋର ଖାଲି ଅପେକ୍ଷା
ବର୍ଷା ଆଉ ବସନ୍ତକୁ ...
ଆସ୍ତେ କରି ମୁକୁଳିବି ..
ତମେ ଦେଖିବ
କେମିତି ଢଙ୍ଗରେ
ଅଙ୍କୁରିତ ହୁଏ
ମଧୁର ଅନୁଭବ ....

ବର୍ଷାରେ କଅଁଳିବି
ବସନ୍ତେ ବାସିବି..... ।
ଏବେ କିନ୍ତୁ ମୁଁ ମଗ୍ନ ,
ନିମଗ୍ନ ... କାରଣ,
ମୋ ଇଶ୍ୱର ନିରୁଦ୍ଦିଷ୍ଟ...
ମୁଁ ଇଶ୍ୱର ସନ୍ଧାନରେ ...
ବାସ୍..
ତୁମେ ଅପେକ୍ଷିଥାଅ
ମୁଁ ଫେରିବି ନିଶ୍ଚୟ ...
ନିଶ୍ଚୟ ଫେରିବି ....॥

ରହୁଛି....



ରତିକାନ୍ତ ଦୁବେ,
ନବରଂଗପୁର



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଡୁଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇପ୍ତାହାର



ଚିଠି ଶ୍ୟାମ ର

କନକ ଲତା ଦାଶ୍



ଚିଠି ଲେଖିଥିଲି ବସନ୍ତ ଲଗନେ
ମଳୟ ମାଦକ ବୋଳି
ରାସେଶ୍ୱରୀ ତୁମ ହୃଦୟ ପଲ୍ଲବେ
ଜାଗା ଟେ ପାଇବି ବୋଲି । ୧ ।

ବସନ୍ତ ଭିଜିଲା ପ୍ରଣୟ ପରାଗେ
ମଧୁର ମୂର୍ଚ୍ଛନା ତାଳେ
ଆସିବ ବୋଲି ଗୋ ଚାହିଁ ବସିଥିଲି
ତମାଳ ତରୁ ର ତଳେ । ୨ ।

ମୋହନ ବଂଶୀ ମୋ ବାଜୁଥିଲା ସଖି
ରାଧା ନାମ ଗାଇ ଗାଇ
ଲଳିତା ବିଶାଖା ଯେତେ ବୁଝେଇଲେ
ତୁମେ ତ ବୁଝିଲ ନାହିଁ । ୩ ।

ନିତ୍ୟ ରାସ ଛଳୀ ଗୁମୁରି କାନ୍ଦୁଛି
ତୁମେ ନାହଁ ବୋଲି ସଖି
ଦୋଷ ଥିଲେ ମୋର କରିଦିଅ କ୍ଷମା
ଆଗୋ ପ୍ରିୟେ ବିଶାଳାକ୍ଷୀ । ୪ ।

ହସି ହସି କହେ ଲଳିତା ସୁନ୍ଦରୀ
ଅଭିମାନିନୀ ସେ ରାଧା
ବିରହ ବତୁରା ମୁହଁଟି ତାହାର
ଶୁଖି ତ ହେଲାଣି ଅଧା । ୫ ।

କୁହ ନଟବର ହଟିଆ ନାଗର
ଚିଠି ରେ ବୁଝେ କି ମନ?
କରନାହିଁ ଛଳ ଯାଇ ଭାଙ୍ଗ ମାନ
ରାଧା ଙ୍କ ର ଶ୍ୟାମଘନ । ୬ ।

(କଟକ ,ଓଡିଶା



"ଚିଠି"- ସମ୍ପର୍କର ଡୋରି

- ବିଶେଷାଙ୍କ -

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଯୀ

ପ୍ରଜ୍ଞା ଓ ପୁଲକର ନୂତନ ଉପହାର



ଅପଢା ଚିଠି

ମାନସ ରଞ୍ଜନ ପଣ୍ଡା

ସେଦିନ ବି ଆସିଥିଲା ଚିଠି
ପାରିଲାନି ପଢି ସିଏ
ପ୍ରାଣ ପ୍ରିୟାର ଶେଷ ଲେଖା,
ଲେଖିଥିଲା ଯିଏ ତାକୁ
ଗୋପନରେ ଅତି ସରାଗରେ ।
ପହଞ୍ଚିଲା ବେଳକୁ ଚିଠି ବାରାକରେ
ସହୀଦ୍ ହୋଇ ସାରିଥିଲା ସେ
ଗ୍ରୀନେଡ୍ ମାଡରେ, ଯୁଦ୍ଧ ଭୂଇଁରେ ।
କ'ଣ ଯେ ଲେଖାଥିଲା ଚିଠିରେ !
ଫେରିବାକୁ ସଅଳ ସଅଳ
ସାଥେ ଧରି ଖେଳନା କଣ୍ଢେଇ ନବଜାତ ପୁଅ ପାଇଁ ,
ବାପାଙ୍କର ଖଦଡ ପଞ୍ଜାବୀ ,
ମାଆ ପାଇଁ କାଶ୍ମିରୀ ସାଲ୍
ଆଉ ତା' ପାଇଁ କିଛି ନୁହେଁ... କିଛି ନୁହେଁ
ଛଳ ଛଳ ପ୍ରେମର ମଣୋହୀ ।

ଚିଠିର ବା କେତେ ଯେ ତାକତ୍
ଫେରେଇ ପାରିବ ତାକୁ ଅଫେରା ପଥରୁ
ପୁରା କରିବାକୁ ସଭିଂକ ଇଚ୍ଛାକୁ
ରହିଯାଏ କିଛି କଥା ଅଶୁଣା,
କିଛି ଲୁହ ଅଝରା
କଛି ଚିଠି ଅଛୁଆଁ ଅପଢା
ସେଇ ଅଶୁଣା କଥାର କୋହାନଳ,
ଅଝରା ଅଶ୍ରୁର ଆର୍ତ୍ତନାଦ
ଆଉ ଅପଢା ଚିଠିର ଦରଦକୁ
ଅଛି କି କେଉଁ କବିତା
କରି ପାରିବ ଉପଶମ ?? ....

ଭଦ୍ରକ , ଓଡିଶା

